Institute for Social Development

# ମାଧ୍ୟମ
## ମହିଳା ସହଯୋଗ କେନ୍ଦ୍ର

11 Years Update | Vol. XI | September 2014 - August 2025



**S. Dev Datta Singh, IPS**
Commissioner of Police
Bhubaneswar-Cuttack

**Commissionerate Police Headquarters**
**Bidyut Marg, Unit-V**
**Bhubaneswar - 751001, Odisha**
**Tele (O) : 0674 - 2530035**
**Fax : 0674 - 253001**
**Email: commissioneratepolice@nic.in**

## ବାର୍ତ୍ତା

'ମାଧ୍ୟମ' ମହିଳା ସହଯୋଗ କେନ୍ଦ୍ରକୁ ଏହାର ଏକାଦଶତମ ସ୍ୱନକ୍ଷତ୍ର ପୂର୍ତ୍ତି ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। କମିଶନରେଟ୍ ପୋଲିସ ଓ ଇନ୍‌ଷ୍ଟିଚ୍ୟୁଟ୍ ଫର ସୋସିଆଲ ଡେଭଲପ୍‌ମେଣ୍ଟର ମିଳିତ ସହଭାଗିତାରେ ପ୍ରତିଷ୍ଠିତ ଓ ପରିଚାଳିତ ଏହି କେନ୍ଦ୍ର, ପାରିବାରିକ ହିଂସା ତଥା ନିର୍ଯ୍ୟାତନାର ଶିକାର ହୋଇଥିବା ମହିଳାମାନଙ୍କ ପାଇଁ ଏକ ଆଲୋକବର୍ତ୍ତିକା ସଦୃଶ।

ବିଭିନ୍ନ ପାରିବାରିକ ସମସ୍ୟାର ଅଭିଯୋଗ ନେଇ ଥାନାର ଦ୍ୱାରସ୍ଥ ହେଉଥିବା ମହିଳାମାନଙ୍କୁ ଏହି କେନ୍ଦ୍ରକୁ ଆପୋଷ ବୁଝାମଣା ମାଧ୍ୟମରେ ସମସ୍ୟାର ସାମଧାନ ପାଇଁ ପଠାଇ ଦିଆଯାଇଥାଏ। ପରବର୍ତ୍ତୀ ସମୟରେ ଏହି କେନ୍ଦ୍ରଦ୍ୱାରା ସମସ୍ୟା ସମାଧାନର ମାର୍ଗଦର୍ଶନ କରାଯିବା ସହ ଅନ୍ୟାନ୍ୟ ଆଇନଗତ ପଦକ୍ଷେପ ନିମନ୍ତେ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଥାଏ। ସୁପ୍ରଶିକ୍ଷିତ ପରାମର୍ଶଦାତ୍ରୀଙ୍କ ଦ୍ୱାରା ବ୍ୟକ୍ତିଗତ ସମ୍ପର୍କ ଓ ଉଚିତ ବୁଝାମଣା ହେତୁ ଅନେକ ମହିଳାଙ୍କ ଦୈନନ୍ଦିନ ପାରିବାରିକ ଜୀବନରେ ସୁଧାର ଆଣିପାରିବା ଦିଗରେ 'ମାଧ୍ୟମ'ର ଭୂମିକା ପ୍ରଶଂସନୀୟ।

ଏହି ଅବସରରେ ସାମାଜିକ ଦାୟିତ୍ୱବୋଧରେ ଏହି ଅଗ୍ରଣୀ ଅନୁଷ୍ଠାନ ସହ ଜଡ଼ିତ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ମୁଁ କୃତଜ୍ଞତା ଜ୍ଞାପନ କରିବା ସହ 'ମାଧ୍ୟମ' ସହଯୋଗ କେନ୍ଦ୍ରର ଭବିଷ୍ୟତ କାର୍ଯ୍ୟପନ୍ଥା ନିମନ୍ତେ ଅନେକ ଶୁଭ କାମନା ଜଣାଉଛି।

(ଡ. ସୁରେଶ ଦେବଦତ୍ତ ସିଂ)
ଆରକ୍ଷୀ ଆୟୁକ୍ତ
ଭୁବନେଶ୍ୱର-କଟକ



# ସମ୍ପାଦକୀୟ.......

**ଶୁଭଶ୍ରୀ ଦାସ**, ନିର୍ଦ୍ଦେଶିକା
ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ଡେଭଲପ୍‌ମେଣ୍ଟ (ଆଇ.ଏସ୍.ଡି)

## ୧୧ ବର୍ଷରେ ମହିଳା ସହଯୋଗ କେନ୍ଦ୍ର - ମାଧ୍ୟମ

୨୦୧୪ ମସିହା, ସେପ୍ଟେମ୍ବର ମାସ ୩ ତାରିଖରୁ କମିଶନରେଟ୍ ପୋଲିସ୍ ଭୁବନେଶ୍ୱର-କଟକ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ୍ ଡେଭେଲେପ୍‌ମେଣ୍ଟ' (ଆଇ.ଏସ୍.ଡି.)ର ମିଳିତ ପ୍ରଚେଷ୍ଟାରେ ମହିଳା ସହଯୋଗ କେନ୍ଦ୍ର 'ମାଧ୍ୟମ' କାର୍ଯ୍ୟକରି ଆସୁଅଛି। ବିଭିନ୍ନ ପ୍ରକାରର ଘରୋଇ ହିଂସା ଓ ଦାମ୍ପତ୍ୟ କଳହକୁ ସମାଧାନ କରି ପାରିବାରିକ ଓ ଦାମ୍ପତ୍ୟ ସମ୍ପର୍କକୁ ଯୋଡ଼ି ରଖିବାରେ 'ମାଧ୍ୟମ'କୁ ଉଲ୍ଲେଖନୀୟ ସଫଳତା ମିଳିପାରିଛି। କମିଶନରେଟ୍ ପୋଲିସ୍‌ର ନିରନ୍ତର ସହଯୋଗ ଫଳରେ ଆଜି 'ମାଧ୍ୟମ' ୧୧ ବର୍ଷ ପୂରଣ କରିଛି। ସମୟକ୍ରମେ ଏହା ଜନସାଧାରଣଙ୍କ ବିଶ୍ୱାସଭାଜନ ବି ହୋଇପାରିଛି। ସମଗ୍ର ବିଶ୍ୱ ମହିଳାମାନଙ୍କ ସୁରକ୍ଷା ଓ ନିରାପତ୍ତା ପ୍ରତି ସଂବେଦନଶୀଳ ରହିଥିବାବେଳେ କେଉଁଠି ନା କେଉଁଠି ମହିଳାମାନେ ନିଜ ପରିବାର, ସମାଜ ଓ ପ୍ରିୟଜନମାନଙ୍କ ଦ୍ୱାରା ହିଂସାର ଶିକାର ହେଉଛନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ମହିଳାମାନେ ନିଜର ପରିବାରର ସଦସ୍ୟମାନଙ୍କ ଦ୍ୱାରା ହିଂସା, ଶାରୀରିକ ଓ ମାନସିକ ଏବଂ ଯୌନ ନିର୍ଯ୍ୟାତନା ସହିତ ଆର୍ଥିକ ଶୋଷଣର ଶିକାର ହେଉଥିବା ବେଳେ କାର୍ଯ୍ୟକ୍ଷେତ୍ରରେ ହିଂସା ଏବଂ ଯୌନ ଉତ୍ପୀଡ଼ନ ପରି ସମସ୍ୟାମାନ ବୃଦ୍ଧି ପାଇବାରେ ଲାଗିଛି।

ମହିଳା ସହଯୋଗ କେନ୍ଦ୍ର 'ମାଧ୍ୟମ' ତରଫରୁ ପଞ୍ଜିକୃତ ସମସ୍ୟାର ସମାଧାନ ଓ ମହିଳାଟିର ଅଧିକାରର ସୁରକ୍ଷା ନିମନ୍ତେ ଉଭୟ ପକ୍ଷଙ୍କୁ ଡାକି ଆପୋଷ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ପ୍ରୟାସ କରାଯାଉଛି। ବିଗତ ୧୧ ବର୍ଷ ମଧ୍ୟରେ ଏହି କେନ୍ଦ୍ରକୁ ମୋଟ ୬୧୨୭ ଜଣ ମହିଳା ସେମାନଙ୍କ ସମସ୍ୟା ନେଇ ଆସିଛନ୍ତି। ସେଥିମଧ୍ୟରୁ ୪୮୮୯ଟି ସମସ୍ୟାର ପଞ୍ଜୀକୃତ କରାଯାଇ ମୋଟ ୩୦୯୯ ଟି ସମସ୍ୟାର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଛି। କେବଳ ସମସ୍ୟାର ସମାଧାନ କରାଯାଇ ସେଠି ତାକୁ ଛାଡ଼ି ଦିଆନଯାଇ ପ୍ରତି ମାସରେ ସେମାନଙ୍କ ଗୃହପରିଦର୍ଶନ କରି ସେମାନେ କିଭଳି ଅଛନ୍ତି ସେ ବିଷୟରେ ମଧ୍ୟ ପରିବାର ଓ ସାଇପଡ଼ିଶାଙ୍କଠାରୁ ମତାମତ ସଂଗ୍ରହ କରାଯାଇଥାଏ।

ଆଜି 'ମାଧ୍ୟମ' ୧୧ ବର୍ଷ ପୂର୍ଣ୍ଣ କରି ୧୨ ବର୍ଷରେ ପାଦ ଦେଇଛି। ମୁଁ ପୁଲିସ ଆରକ୍ଷୀ ଆୟୁକ୍ତ ଶ୍ରୀ ଏସ୍. ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ଆୟୁକ୍ତ ଶ୍ରୀ ନରସିଂହ ଭୋଳ, ଡେପୁଟି ଆରକ୍ଷୀ ଆୟୁକ୍ତ କଟକ ଶ୍ରୀ ଋଷିକେଶ ଡ଼ି. ଖିଲାଡ଼ୀ, ଡେପୁଟି ଆରକ୍ଷୀ ଆୟୁକ୍ତ ଭୁବନେଶ୍ୱର ଶ୍ରୀ ଜଗମୋହନ ମୀନା ଓ ଅତିରିକ୍ତ ଡେପୁଟି ଆରକ୍ଷୀ ଆୟୁକ୍ତ, ଭୁବନେଶ୍ୱର ଶ୍ରୀମତୀ ଆରତି ଗିରି ଙ୍କୁ ସେମାନଙ୍କର ସହଯୋଗ ପାଇଁ ଆନ୍ତରିକ ଧନ୍ୟବାଦ ଜଣାଉଛି। ଧନ୍ୟବାଦ ଦେଉଛି 'ମାଧ୍ୟମ'ରେ କାର୍ଯ୍ୟରତ ସମସ୍ତ କର୍ମକର୍ତ୍ତାମାନଙ୍କୁ ଯେଉଁମାନଙ୍କର ନିଷ୍ଠା ଓ ପରିଶ୍ରମ ପାଇଁ ଅନେକ ଭାଙ୍ଗି ଯାଇଥିବା ସଂସାର ଯୋଡ଼ି ହୋଇପାରିଛି ।

**ଶୁଭଶ୍ରୀ ଦାସ**

## MESSAGES



**ଶ୍ରୀ ନରସିଂହ ଭୋଳ**
ଅତିରିକ୍ତ ଆରକ୍ଷୀ ଆୟୁକ୍ତ
ଭୁବନେଶ୍ୱର-କଟକ

ଅଗ୍ରଣୀ ସାମାଜିକ ସଂସ୍ଥା ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ୍ ଡେଭଲପ୍‌ମେଣ୍ଟ ଓ କମିଶନରେଟ୍ ପୋଲିସର ମିଳିତ ପ୍ରଚେଷ୍ଟାରେ ପରିଚାଳିତ 'ମାଧ୍ୟମ' ପରାମର୍ଶ କେନ୍ଦ୍ର ଚଳିତ ବର୍ଷ ଏହାର ଏକାଦଶତମ ବର୍ଷପୂର୍ତ୍ତି ପାଳନ କରୁଅଛି । ଏହି ଅବସରରେ ଏହି କେନ୍ଦ୍ର ସହ ସଂଶ୍ଳିଷ୍ଟ ସମସ୍ତ କାର୍ଯ୍ୟକର୍ତ୍ତା, ପରାମର୍ଶଦାତ୍ରୀ ତଥା କମିଶନରେଟ୍ ପୋଲିସ ଅନ୍ତର୍ଗତ ସମସ୍ତ ଥାନା ଅଧିକାରୀଙ୍କୁ ତାଙ୍କର ମହତ୍ତ୍ୱପୂର୍ଣ୍ଣ ସେବାପାଇଁ ମୁଁ ସାଧୁବାଦ ଜଣାଉଛି ।

ମହିଳାମାନଙ୍କ ପ୍ରତି ହେଉଥିବା ପାରିବାରିକ ହିଂସା, ଯୌତୁକ ନିର୍ଯ୍ୟାତନା, କାର୍ଯ୍ୟକ୍ଷେତ୍ରରେ ନିର୍ଯ୍ୟାତନା, ଶାରୀରିକ ଓ ମାନସିକ ପ୍ରତାଡ଼ନା ଇତ୍ୟାଦି ଅଭିଯୋଗର ଧୈର୍ଯ୍ୟପୂର୍ଣ୍ଣ ଶୁଣାଣି, ଆଲୋଚନା, ଆପୋଷ ବୁଝାମଣା ତଥା ଆବଶ୍ୟକସ୍ଥଳେ ସ୍ୱଳ୍ପ ମିଆଦି ଆଶ୍ରୟ, ଚିକିତ୍ସା ତଥା ଆନୁଷଙ୍ଗିକ ଆଇନଗତ ସହାୟତା ପ୍ରଦାନ କରି 'ମାଧ୍ୟମ' ବର୍ତ୍ତମାନ ସମାଜ ପାଇଁ ଏକ ଦୃଷ୍ଟାନ୍ତ ପାଲଟିଛି ।

ପାରିବାରିକ ଓ ସାମାଜିକ ସୁରକ୍ଷା ପ୍ରଦାନ ଦିଗରେ 'ମାଧ୍ୟମ'ର ବିଭିନ୍ନ ଅବଦାନ ବାସ୍ତବିକ ପ୍ରଶଂସନୀୟ । ପୀଡ଼ିତା ମହିଳାଙ୍କ ଜୀବନରେ ନୂତନ ଆଶା ସଂଚାର କରିବାର ଏହି ପ୍ରଚେଷ୍ଟା ଭବିଷ୍ୟତରେ ମଧ୍ୟ ବଜାୟ ରହୁ, ଏହି କାମନା କରି 'ମାଧ୍ୟମ' ପରାମର୍ଶ କେନ୍ଦ୍ରର ସମସ୍ତ କର୍ମକର୍ତ୍ତାଙ୍କୁ ମୋର ଶୁଭେଚ୍ଛା ଜ୍ଞାପନ କରୁଅଛି ।



**ଶ୍ରୀମତୀ ନିବେଦିତା ପଟ୍ଟନାୟକ**
ଅଧ୍ୟକ୍ଷା, ଆଇ.ଏସ୍.ଡି.

୨୦୨୫ ସେପ୍ଟେମ୍ବର ୩ ତାରିଖରେ ମାଧ୍ୟମ ୧୧ ବର୍ଷ ପୂର୍ଣ୍ଣ କରିଛି । ଦୀର୍ଘ ୧୧ ବର୍ଷର ଯାତ୍ରାରେ ଅନେକ କଥା, କାହାଣୀ, ଉଠାଣି, ଗଡ଼ାଣି ମଧ୍ୟରେ ମାଧ୍ୟମ ର ଅନେକ ସ୍ମୃତିକୁ ସମସ୍ତେ ଦେଖିଛନ୍ତି । ଭାଙ୍ଗିଯାଇଥିବା ସଂସାରକୁ ଯୋଡ଼ିବାରେ ମାଧ୍ୟମ ଅନେକ ପରିମାଣରେ ସକ୍ଷମ ହୋଇପାରିଛି ଯାହା ସ୍ମରଣୀୟ । ୧୧ ବର୍ଷ ମଧ୍ୟରେ କଟକ ଓ ଭୁବନେଶ୍ୱରର ୨ଟି କେନ୍ଦ୍ରରେ ଯେତିକି ମାମଲା ପଞ୍ଜିକରଣ ହୋଇଛି, ତା' ମଧ୍ୟରୁ ପାଖାପାଖି ୯୦ ଭାଗ ମାମଲାର ସମାଧାନ ହୋଇପାରିଛି । ଆଉ ଯେଉଁଠି କିଛି ମାମଲାରେ ମାଧ୍ୟମ ଅନୁଭବ କରିଛି ଯେ ଏହା ତା'ର ପରିସର ବାହାରେ ସେଠାରେ ସେମାନଙ୍କୁ ଆଇନର ସହାୟତା ଯୋଗାଇ ଦିଆଯାଇଛି କିମ୍ବା ଆଇନ୍‌ର ସାହାଯ୍ୟ ନେବାପାଇଁ ପରାମର୍ଶ ଦିଆଯାଇଛି । ଅନେକ ଦମ୍ପତ୍ତି, ବରିଷ୍ଠ ନାଗରିକ, ଯୁବଗୋଷ୍ଠୀ ମାଧ୍ୟମ ଉପରେ ଯେଉଁ ଆସ୍ଥା ଓ ବିଶ୍ୱାସ ପ୍ରକଟ କରିଛନ୍ତି ତାହା ହିଁ ମାଧ୍ୟମ ର ନିଜସ୍ୱ ସମ୍ବଳ । ଏହି ଆସ୍ଥା ଓ ବିଶ୍ୱାସକୁ ଅତୁଟ ରଖିବା ପାଇଁ ମାଧ୍ୟମ ରେ କାର୍ଯ୍ୟ କରୁଥିବା ସମସ୍ତ ପରାମର୍ଶଦାତ୍ରୀମାନେ ଧନ୍ୟବାଦର ପାତ୍ରୀ । କାର୍ଯ୍ୟକରିବା ବେଳେ ସବୁବେଳେ ଯେ ପରିସ୍ଥିତି ସହଜଲଭ୍ୟ ହୋଇଛି ତା' ନୁହେଁ, ବରଂ ଅନେକ ଘାତ ପ୍ରତିଘାତକୁ ସାମ୍ନା କରିବାକୁ ପଡ଼ିଛି । କିନ୍ତୁ ସେ ସବୁ ସାମୟିକ ସମସ୍ୟାକୁ ଏଡ଼ାଇ ମାଧ୍ୟମ ଆଗକୁ ବଢ଼ିଛି । ଆଜି ଓଡ଼ିଶାରେ ମହିଳାମାନଙ୍କ ସମସ୍ୟା ବୁଝିବା ପାଇଁ ଥିବା ଅନେକ ବ୍ୟବସ୍ଥା ମଧ୍ୟରେ ମାଧ୍ୟମ ତାର ଉପସ୍ଥିତିକୁ ଜାହିର କରିଛି । ସବୁଠାରୁ ଉଲ୍ଲେଖନୀୟ ଘଟଣା ହେଉଛି ଯେଉଁମାନେ ମାଧ୍ୟମ ଆସି ସସମ୍ୟାର ସମାଧାନ ପାଇଛନ୍ତି ସେମାନେ ମାଧ୍ୟମ ର ପ୍ରଚାର ପ୍ରସାର କରୁଛନ୍ତି, ନିଜ ପରିବାର, ପାଖ ପଡ଼ୋଶୀ, ବନ୍ଧୁବାନ୍ଧବରେ ଯଦି କୌଣସି ମହିଳାଙ୍କୁ ସମସ୍ୟାରେ ଦେଖୁଛନ୍ତି ତେବେ ସେମାନଙ୍କୁ ମାଧ୍ୟମର ଠିକଣା କହୁଛନ୍ତି । ଏହା ନିଶ୍ଚୟ ଗୌରବମୟ । ମାଧ୍ୟମକୁ ପ୍ରତିଷ୍ଠିତ କରିବା ପାଇଁ ପୋଲିସ୍ ବିଭାଗର ସାହାଯ୍ୟ, ସହଯୋଗ, ଅବିସ୍ମରଣୀୟ ସେଥିପାଇଁ ମାଧ୍ୟମ ସହ ଜଡ଼ିତ ପୋଲିସ ବିଭାଗ ଓ ଆଇ.ଏସ୍.ଡି. ର ସମସ୍ତ କର୍ମକର୍ତ୍ତାଙ୍କୁ ମୁଁ ଆନ୍ତରିକ ଶୁଭେଚ୍ଛା ଜଣାଉଛି । ଏହି ୧୧ ବର୍ଷଯାତ୍ରାରେ ମାଧ୍ୟମ କୁ ସହଯୋଗ କରିଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଆନ୍ତରିକ ଶୁଭେଚ୍ଛା ।



**Jagmohan Meena**
Dy. Commissioner of Police
Bhubaneswar

**Dy. Commissioner of Police**
**Vani Vihar Square**
**Bhubaneswar- 751022**
**Ph. : 0674-2540555, Fax : 0674-2540444**

# MESSAGE

I am very glad to know that Maadhyam Women Support Center, a joint endeavour of Police Commissionerate, Bhubaneswar-Cuttack and Institute for Social Development (ISD) is going to complete its eleven years of service on 3rd September, 2025. Maadhyam has been functioning successfully and extending its helping hand to the distressed women and families. The effort of the organisation in reunion of many families by successful counselling is admirable.

I wish every success to all the members of the organisation in saving the families.

**(Jagmohan Meena)**
Dy. Commissioner of Police
Bhubaneswar



**Rishikesh D. Khilari**
Dy. Commissioner of Police,
Cuttack

**Dy. Commissioner of Police , Cuttack**
**+91-671-23000570 (O), +91-671-2304294 (F)**
**e-mail: dcpcuttack@nic.in**

# MESSAGE

I am delighted to know that Maadhyam Women Support Centre, under the Institute for Social Development (ISD), is set to release a report marking its remarkable 11-years journey, to be completed on 3rd September-2025. I extend my deepest gratitude and admiration for the invaluable services rendered towards the upliftment of women in distress. The tireless efforts of the institution, led by dedicate professional experts, have made a profound difference in countless lives. In particular, the successful resolution of complex family disputes, especially the reunion of many families is truly commendable.

I wholeheartedly wish the organization continued success in all its future endeavours.

19/08/25

**(Rishikesh D. Khilari)**
Dy. Commissioner of Police,
Cuttack

# MESSAGES



**Rabindranath Meher**
IIC, Airport PS

Since its establishment on September 3, 2014, Maadhyam has become a pillar of strength for women facing distress and violence. The counsellors and staff have worked untiringly to bring comfort, security, and dignity to countless women, while also enabling many families to rediscover harmony. Their service is not only invaluable to the individuals they help but also to society as a whole.

On the occasion of its 11th anniversary, I extend my heartfelt congratulations to the entire Maadhyam team for their noble mission and for contributing immensely to building a safer, more compassionate society.



**Radhakanta Sahoo**
IIC, Capital PS

On the occasion of the 11th anniversary of Maadhyam Women's Support Centre, I extend my heartfelt congratulations and best wishes to all those associated with this noble initiative. Over the years, Maadhyam has made commendable contributions in the areas of women's safety, conflict resolution, and social awareness.

The dedicated efforts of Counsellor Anima Mishra have been instrumental in this journey. Her spirit of service has helped transform Maadhyam into a trusted haven for women in distress.



**Sasmita Mishra**
IIC, Chandaka PS

It gives me immense satisfaction to acknowledge the remarkable journey of Maadhyam Women's Support Centre, a joint initiative of the Police Commissionerate Bhubaneswar–Cuttack and the Institute for Social Development (ISD). For the past 11 years, Maadhyam has played a crucial role in providing professional counselling for couples experiencing marital conflict, while also extending its services to cases involving women and children.

The work undertaken by Maadhyam is indeed challenging, requiring patience, empathy, and consistent dedication. I commend the team for reducing the burden on the police by addressing sensitive issues through counselling and reconciliation. On this special milestone, I convey my warm greetings and best wishes to Maadhyam and look forward to its continued role as a vital bridge between distressed individuals and a harmonious society.



**Bhagyashree swain**
IIC, Mahila PS, Bhubaneswar

A harmonious marital relationship is the cornerstone of happiness in family life. Maadhyam has been tirelessly working in this direction, offering guidance and support to couples in distress. Over the past decade, this initiative has stood as a beacon of hope, resolving conflicts with compassion and care.

I take this opportunity to wholeheartedly congratulate the Maadhyam Women's Support Centre for its commendable commitment and dedicated service. My best wishes also go to the entire team, whose persistent efforts have made every intervention meaningful and successful.

# MESSAGES



**Umakanta sahoo**
IIC, Mangalabagh PS

Iam glad to know that Maadhyam has completed 11 yrs . Maadhyam brings light to many families which is having bad times. Maadhyam repair many problems in the conjugal life of couple. The effort and dedication of counsellor of Maadhyam is irreplaceable.

Once again I congratulate Maadhyam for their effort to made many family.



**Beauty Mohanty**
IIC Mahila PS, Cuttack

I am glad to know that Maadhyam Successfully completed 11yrs. It helps in resolving many Domestic issues as a result of which a lot of family get Benefitted. The effort and dedication of all the staff of Maadhyam is irreplaceable.

Once again I heartily congratulate for their responsiveness, efforts.



**Rakesh Ku. Behera**
IIC, Daraghabazar PS

I am exceedingly delighted to partake my jubilation at the thriving collaboration between the police commissionerate and the Institute for Social Development is establishing the Maadhyam women support centre. A pivotal counselling resource for troubleshooting nuptial squabbles between couples is being executed by this entity. Administering and confronting the conundrums of these feuds requires exceptional forbearance and dexterity and Maadhyam has thrived in this role. As Maadhyam commemorates its 11$^{th}$ anniversary I elongate my intense gratitude and best wishes to the organisation and its dedicated members. Their hard work has significantly soothed the onus on the police. Maadhyam will withstand to serve as a vital social bridge, helping to resolve conflicts and support those in need.

I relay my candid salutations to Maadhyam Women Support centre and ISD on this instance.



**Anirudh Nayak**
IIC, Jagatpur PS

I am very pleased to know that Maadhyam is complete 11 yrs of service. Maadhyam plays pivotal role in providing services to Womens in troubled. It brings many changes many Womens life. Their counselling helps them to cop with mental distress. Associating with Maadhyam police is highly benefiting from their service.

I wish the organisation brighter future.

**MAADHYAM**
(WOMEN SUPPORT CENTER)

# 11 Years at a Glance

## YEARWISE CASES COMING TO THE CENTER

| Year | Bhubaneswar | Cuttack | Total |
|---|---|---|---|
| 2014 (Sept.) | 127 | 105 | 232 |
| 2015 | 301 | 263 | 564 |
| 2016 | 274 | 314 | 588 |
| 2017 | 334 | 347 | 681 |
| 2018 | 339 | 329 | 668 |
| 2019 | 265 | 259 | 524 |
| 2020 | 266 | 255 | 521 |
| 2021 | 164 | 161 | 325 |
| 2022 | 258 | 260 | 518 |
| 2023 | 260 | 255 | 515 |
| 2024 | 235 | 245 | 480 |
| 2025 (Aug.) | 245 | 266 | 511 |
| **TOTAL** | **3068** | **3059** | **6127** |




## CASE REGISTRATION FOR COUNSELING

| Year | Bhubaneswar | Cuttack | Total |
|---|---|---|---|
| 2014 (Sept.) | 80 | 80 | 160 |
| 2015 | 183 | 206 | 389 |
| 2016 | 157 | 251 | 408 |
| 2017 | 201 | 293 | 494 |
| 2018 | 260 | 278 | 538 |
| 2019 | 244 | 229 | 473 |
| 2020 | 201 | 200 | 401 |
| 2021 | 122 | 129 | 251 |
| 2022 | 213 | 213 | 426 |
| 2023 | 222 | 212 | 434 |
| 2024 | 202 | 216 | 418 |
| 2025 (Aug.) | 239 | 258 | 497 |
| **TOTAL** | **2324** | **2565** | **4889** |




## CASE RECONCILIATION STATUS

| Year | Bhubaneswar | Cuttack | Total |
|---|---|---|---|
| 2014 (Sept.) | 31 | 48 | 79 |
| 2015 | 96 | 135 | 231 |
| 2016 | 84 | 167 | 251 |
| 2017 | 152 | 202 | 354 |
| 2018 | 165 | 182 | 347 |
| 2019 | 140 | 131 | 271 |
| 2020 | 91 | 130 | 221 |
| 2021 | 71 | 87 | 158 |
| 2022 | 115 | 155 | 270 |
| 2023 | 160 | 152 | 312 |
| 2024 | 133 | 152 | 285 |
| 2025 (Aug.) | 153 | 167 | 320 |
| **TOTAL** | **1391** | **1708** | **3099** |



# CASE REGISTRATION AND RECONCILIATION STATUS MAADHYAM, BHUBANESWAR

**Location : Energy Police Station, Power House Square**

## Cases Status

| Year | Application Received | Cases Registered for Counseling |
|---|---|---|
| 2014 | 127 | 80 |
| 2015 | 301 | 183 |
| 2016 | 274 | 157 |
| 2017 | 334 | 201 |
| 2018 | 339 | 260 |
| 2019 | 265 | 244 |
| 2020 | 266 | 201 |
| 2021 | 164 | 122 |
| 2022 | 258 | 213 |
| 2023 | 260 | 222 |
| 2024 | 235 | 202 |
| 2025 (Aug) | 245 | 239 |
| **TOTAL** | **3068** | **2324** |

## Reconciliation status

| Year | Cases Registered for Counseling | Reconciliation |
|---|---|---|
| 2014 | 80 | 31 |
| 2015 | 183 | 96 |
| 2016 | 157 | 84 |
| 2017 | 201 | 152 |
| 2018 | 260 | 165 |
| 2019 | 244 | 140 |
| 2020 | 201 | 91 |
| 2021 | 122 | 71 |
| 2022 | 213 | 115 |
| 2023 | 222 | 160 |
| 2024 | 202 | 133 |
| 2025 (Aug) | 239 | 153 |
| **TOTAL** | **2324** | **1391** |

## Different Type of Cases Registered in the Center

| Type of cases | Year | | | | | | | | | | | | Total |
|---|---|---|---|---|---|---|---|---|---|---|---|---|---|
| | 2014 | 2015 | 2016 | 2017 | 2018 | 2019 | 2020 | 2021 | 2022 | 2023 | 2024 | 2025(Aug.) | |
| Domestic Violence | 56 | 161 | 144 | 190 | 248 | 228 | 190 | 112 | 196 | 196 | 181 | 209 | **2111** |
| False Promise of Marriage | 11 | 10 | 08 | 10 | 12 | 16 | 11 | 09 | 06 | 13 | 11 | 21 | **138** |
| Sexual Harassment at workplace | 01 | - | 01 | - | - | - | - | - | - | - | - | - | **02** |
| Molestation / Eve Teasing / Stalking / Sexual Assault | 05 | 12 | 04 | 01 | - | - | - | - | - | 01 | - | - | **23** |
| Cyber Crime & Trafficking | 07 | - | - | - | - | - | - | 01 | 04 | - | - | 01 | **13** |
| Missing Kidnapping | - | - | - | - | - | - | - | - | 04 | 02 | - | 02 | **08** |
| Any Other | - | - | - | - | - | - | - | - | 03 | 10 | 10 | 06 | **29** |

## Alternative Support Services Provided to the Survivors

| Services | 2014 | 2015 | 2016 | 2017 | 2018 | 2019 | 2020 | 2021 | 2022 | 2023 | 2024 | 2025(Aug.) | Total |
|---|---|---|---|---|---|---|---|---|---|---|---|---|---|
| Shelter Home | - | 05 | 13 | 03 | 06 | 04 | - | 01 | 03 | - | - | - | **35** |
| Medical Support | - | 01 | 07 | 09 | 13 | 14 | 21 | 17 | 30 | 27 | 17 | 15 | **156** |
| Legal Support | 08 | 17 | 17 | 13 | 32 | 10 | 14 | 10 | 14 | 17 | 18 | 16 | **170** |
| CWC | - | - | - | - | - | - | - | - | 06 | 03 | 03 | 03 | **15** |
| DIR Filling | - | 01 | 08 | 13 | 07 | 06 | 03 | 05 | 02 | 05 | 02 | 04 | **56** |
| Livelihood Linkages | - | 01 | 02 | 02 | 04 | 02 | 01 | - | 02 | 05 | 04 | 05 | **28** |

## Cases Refer From

| Source | 2014 | 2015 | 2016 | 2017 | 2018 | 2019 | 2020 | 2021 | 2022 | 2023 | 2024 | 2025 | Total |
|---|---|---|---|---|---|---|---|---|---|---|---|---|---|
| Police | 37 | 130 | 107 | 108 | 149 | 183 | 115 | 55 | 88 | 131 | 146 | 163 | 1412 |
| Self | 13 | 06 | — | 05 | 27 | 18 | 32 | 39 | 38 | 28 | 15 | 07 | 228 |
| Ex Client | — | 02 | — | 17 | 19 | 12 | 23 | 11 | 41 | 30 | 27 | 35 | 217 |
| NGO / Social Worker | 06 | 16 | 07 | 32 | 29 | 09 | 08 | 06 | 13 | 12 | 06 | 21 | 165 |
| Sakhi One Stop Center WSC/ 181 Helpline/ CWC | 03 | — | — | 06 | 11 | 04 | 04 | — | 03 | 01 | — | — | 32 |
| Relative / Friend | — | 17 | 30 | 14 | 13 | 07 | 08 | 03 | 12 | 01 | 01 | — | 106 |
| Advocate / Corporator | — | 08 | 05 | 12 | 09 | 09 | 11 | 08 | 16 | 17 | 06 | 10 | 111 |
| Media / Journalist | 21 | 04 | 08 | 07 | 03 | 02 | — | — | 02 | 02 | 01 | 03 | 53 |

## Socio- economic background of the survivors

| Category | 2014 | 2015 | 2016 | 2017 | 2018 | 2019 | 2020 | 2021 | 2022 | 2023 | 2024 | 2025 | Total |
|---|---|---|---|---|---|---|---|---|---|---|---|---|---|
| General | 32 | 96 | 85 | 112 | 140 | 135 | 105 | 63 | 124 | 119 | 111 | 118 | 1240 |
| OBC | 26 | 58 | 30 | 45 | 67 | 58 | 48 | 31 | 44 | 51 | 45 | 50 | 553 |
| SC | 16 | 19 | 24 | 29 | 41 | 36 | 32 | 19 | 36 | 37 | 33 | 59 | 381 |
| ST | 06 | 10 | 02 | 03 | 07 | 05 | 06 | 07 | 01 | 06 | 06 | 04 | 63 |
| Muslim | — | — | 12 | 08 | 03 | 08 | 06 | 02 | 07 | 08 | 06 | 06 | 66 |
| Christian | — | — | 04 | 04 | 02 | 02 | 04 | — | 01 | 01 | 01 | 02 | 21 |

## Education Status of the survivors

| Qualification | 2014 | 2015 | 2016 | 2017 | 2018 | 2019 | 2020 | 2021 | 2022 | 2023 | 2024 | 2025 | Total |
|---|---|---|---|---|---|---|---|---|---|---|---|---|---|
| Illiterate | 06 | 12 | 04 | 08 | 12 | 08 | 05 | 02 | 11 | 15 | 06 | 19 | 108 |
| Able to read and Write | 26 | 12 | 17 | 03 | 02 | 01 | 01 | 01 | 01 | 02 | 0 | 0 | 66 |
| Primary | 23 | 32 | 32 | 20 | 28 | 31 | 39 | 25 | 32 | 33 | 24 | 26 | 345 |
| Secondary | 15 | 62 | 35 | 76 | 78 | 75 | 68 | 29 | 56 | 65 | 60 | 62 | 681 |
| Intermediate | 05 | 05 | 26 | 19 | 31 | 27 | 20 | 15 | 29 | 25 | 19 | 40 | 261 |
| Graduation | 05 | 39 | 17 | 30 | 52 | 59 | 25 | 27 | 43 | 36 | 49 | 52 | 434 |
| Post-Graduation | — | 16 | 09 | 14 | 13 | 18 | 15 | 06 | 12 | 12 | 17 | 14 | 146 |
| Any Other | — | 05 | 17 | 31 | 44 | 25 | 28 | 17 | 29 | 34 | 27 | 26 | 283 |

## Age Group of the survivors

| Age | 2014 | 2015 | 2016 | 2017 | 2018 | 2019 | 2020 | 2021 | 2022 | 2023 | 2024 | 2025 | Total |
|---|---|---|---|---|---|---|---|---|---|---|---|---|---|
| less than 18 | — | — | — | — | — | 01 | — | — | 01 | — | 01 | 12 | 15 |
| 18-25 | 25 | 45 | 57 | 76 | 77 | 54 | 42 | 22 | 32 | 50 | 46 | 54 | 580 |
| 26-40 | 42 | 126 | 76 | 91 | 140 | 146 | 98 | 61 | 119 | 122 | 96 | 123 | 1240 |
| 41-55 | 06 | 07 | 21 | 25 | 29 | 24 | 36 | 24 | 39 | 23 | 42 | 32 | 308 |
| above 55 | 07 | 05 | 03 | 09 | 14 | 19 | 25 | 15 | 22 | 27 | 17 | 18 | 181 |

# CASE REGISTRATION AND RECONCILIATION STATUS MAADHYAM, CUTTACK

**Location : Mahila Police Station, Buxi Bazar**

## Cases Status

| Year | Application Received | Cases Registered for Counseling |
|---|---|---|
| 2014 | 105 | 80 |
| 2015 | 263 | 206 |
| 2016 | 314 | 251 |
| 2017 | 347 | 293 |
| 2018 | 329 | 278 |
| 2019 | 259 | 229 |
| 2020 | 255 | 200 |
| 2021 | 161 | 129 |
| 2022 | 260 | 213 |
| 2023 | 255 | 212 |
| 2024 | 245 | 216 |
| 2025(Aug) | 266 | 258 |
| **TOTAL** | **3059** | **2565** |

## Reconciliation status

| Year | Cases Registered for Counseling | Reconciliation |
|---|---|---|
| 2014 | 80 | 48 |
| 2015 | 206 | 135 |
| 2016 | 251 | 167 |
| 2017 | 293 | 202 |
| 2018 | 278 | 182 |
| 2019 | 229 | 131 |
| 2020 | 200 | 130 |
| 2021 | 129 | 87 |
| 2022 | 213 | 155 |
| 2023 | 212 | 152 |
| 2024 | 216 | 152 |
| 2025(Aug) | 258 | 167 |
| **TOTAL** | **2565** | **1708** |

## Different Type of Cases Registered in the Center

| Type of cases | Year | | | | | | | | | | | | Total |
|---|---|---|---|---|---|---|---|---|---|---|---|---|---|
| | 2014 | 2015 | 2016 | 2017 | 2018 | 2019 | 2020 | 2021 | 2022 | 2023 | 2024 | 2025 | |
| Domestic Violence | 69 | 180 | 229 | 268 | 274 | 229 | 191 | 126 | 206 | 200 | 212 | 254 | **2438** |
| False Promise of Marriage | – | 02 | 03 | 07 | 03 | – | 07 | 03 | 07 | 09 | 04 | 04 | 49 |
| Adultery | 06 | 11 | 17 | 12 | 01 | – | – | – | – | – | – | – | **47** |
| Molestation / Evev Teasing / Stalking | 05 | 12 | 02 | 06 | – | – | 02 | – | – | – | – | – | **27** |
| Cyber Crime/Trafficking | – | 01 | – | – | – | – | – | – | – | 01 | – | – | **02** |
| Rape and Sexual Assault | – | – | – | – | – | – | – | – | – | 02 | – | – | **02** |

## Alternative Support Services Provided to the Survivors

| Services | 2014 | 2015 | 2016 | 2017 | 2018 | 2019 | 2020 | 2021 | 2022 | 2023 | 2024 | 2025(Aug.) | Total |
|---|---|---|---|---|---|---|---|---|---|---|---|---|---|
| Shelter Home | – | – | 02 | 01 | 01 | 01 | – | – | – | – | – | 03 | **08** |
| Free Medical Support | – | – | – | 02 | 01 | 11 | 03 | – | – | – | – | 20 | **37** |
| Free Legal Aid Support | 05 | 04 | 13 | 15 | 31 | 14 | 20 | 09 | 04 | 02 | 03 | 18 | **138** |
| CWC | – | – | – | – | – | – | – | – | – | – | 01 | 01 | **02** |
| DIR Filling | 04 | 03 | 05 | 03 | 02 | 01 | 02 | 01 | 02 | 02 | – | – | **25** |
| Livelihood Linkages | 01 | 02 | 02 | 02 | 01 | 02 | 01 | – | – | – | – | 05 | **16** |

## Cases Refer From

| Sources | 2014 | 2015 | 2016 | 2017 | 2018 | 2019 | 2020 | 2021 | 2022 | 2023 | 2024 | 2025 | Total |
|---|---|---|---|---|---|---|---|---|---|---|---|---|---|
| Police | 76 | 193 | 227 | 262 | 257 | 208 | 190 | 123 | 196 | 184 | 194 | 209 | 2319 |
| Self | – | 07 | 18 | 08 | 10 | 12 | 05 | 02 | 09 | 15 | 13 | 26 | 125 |
| Ex Client | – | – | 01 | 03 | 02 | – | – | – | 01 | 01 | 03 | 04 | 15 |
| NGO / Social Worker | 04 | 06 | 02 | 04 | 06 | 03 | 02 | 02 | 02 | 02 | 03 | – | 36 |
| Sakhi One Stop Center WSC/ 181 Helpline/ CWC | – | | – | – | 03 | 01 | – | – | 01 | – | – | 04 | 09 |
| Relative / Friend | – | – | – | 06 | – | – | 1 | – | – | – | 02 | 02 | 11 |
| Advocate / Corporator | – | – | 01 | 05 | – | 05 | – | 02 | 01 | 05 | 01 | 08 | 28 |
| Media / Journalist | – | – | 02 | 05 | – | – | 02 | – | 03 | 05 | – | 05 | 22 |

## Socio- economic background of the survivors

| Category | 2014 | 2015 | 2016 | 2017 | 2018 | 2019 | 2020 | 2021 | 2022 | 2023 | 2024 | 2025 | Total |
|---|---|---|---|---|---|---|---|---|---|---|---|---|---|
| General | 24 | 112 | 84 | 111 | 127 | 110 | 76 | 62 | 89 | 88 | 102 | 97 | 1082 |
| OBC | 18 | 86 | 57 | 49 | 24 | 24 | 34 | 20 | 28 | 32 | 39 | 42 | 453 |
| SC | 16 | 02 | 62 | 86 | 76 | 51 | 55 | 30 | 58 | 52 | 36 | 62 | 586 |
| ST | 02 | 01 | 04 | 02 | 05 | 01 | 04 | – | 02 | 02 | – | 01 | 24 |
| Muslim | 20 | 03 | 39 | 37 | 42 | 41 | 24 | 16 | 30 | 36 | 36 | 54 | 378 |
| Christian | – | 02 | 05 | 08 | 04 | 02 | 07 | 01 | 06 | 02 | 03 | 02 | 42 |

## Education Status of the survivors

| Qualification | 2014 | 2015 | 2016 | 2017 | 2018 | 2019 | 2020 | 2021 | 2022 | 2023 | 2024 | 2025 | Total |
|---|---|---|---|---|---|---|---|---|---|---|---|---|---|
| Illiterate | 02 | 09 | 15 | 08 | 14 | 08 | 16 | 10 | 13 | 15 | 11 | 14 | 135 |
| Able to read and Write | 06 | 12 | 20 | 21 | 23 | 31 | 14 | – | 18 | 16 | 08 | 17 | 186 |
| Primary | 02 | 19 | 47 | 59 | 53 | 45 | 31 | 16 | 26 | 24 | 18 | 36 | 376 |
| Secondary | 26 | 126 | 61 | 98 | 86 | 70 | 54 | 48 | 58 | 61 | 70 | 73 | 831 |
| Intermediate | 22 | 32 | 48 | 37 | 36 | 28 | 32 | 10 | 34 | 32 | 40 | 43 | 394 |
| Graduation | 12 | 05 | 39 | 43 | 37 | 30 | 38 | 34 | 36 | 43 | 51 | 51 | 419 |
| Post-Graduation | 05 | 02 | 14 | 08 | 11 | 10 | 06 | 04 | 14 | 09 | 11 | 13 | 107 |
| Any Other | 05 | 01 | 07 | 19 | 18 | 07 | 09 | 07 | 14 | 12 | 07 | 11 | 117 |

## Age Group of the survivors

| Age | 2014 | 2015 | 2016 | 2017 | 2018 | 2019 | 2020 | 2021 | 2022 | 2023 | 2024 | 2025 | Total |
|---|---|---|---|---|---|---|---|---|---|---|---|---|---|
| less than 18 | – | – | 01 | 04 | 01 | – | 01 | – | – | – | – | – | 07 |
| 18-25 | 16 | 26 | 68 | 105 | 97 | 68 | 62 | 44 | 60 | 49 | 64 | 75 | 734 |
| 26-40 | 54 | 176 | 154 | 155 | 147 | 135 | 120 | 76 | 119 | 116 | 129 | 143 | 1524 |
| 41-55 | 09 | 02 | 23 | 23 | 19 | 19 | 13 | 08 | 26 | 39 | 22 | 30 | 233 |
| above 55 | 01 | 02 | 05 | 06 | 14 | 07 | 04 | 01 | 08 | 08 | 01 | 10 | 67 |

# ୨୦୧୪ ମସିହାରୁ ଏପର୍ଯ୍ୟନ୍ତ ବିଭିନ୍ନ ଥାନା ମାଧ୍ୟମରେ ଆସିଥିବା କେସ୍ ସଂଖ୍ୟା

## ଭୁବନେଶ୍ୱର

| କ୍ର.ନଂ | ଥାନାର ନାମ | ସଂଖ୍ୟା |
|---|---|---|
| ୦୧ | ଇନଫୋସିଟି | ୧୯ |
| ୦୨ | ଚନ୍ଦ୍ରଶେଖରପୁର | ୧୫ |
| ୦୩ | ନନ୍ଦନକାନନ | ୦୯ |
| ୦୪ | ନୟାପଲ୍ଲୀ | ୨୭ |
| ୦୫ | ଖଣ୍ଡଗିରି | ୪୮ |
| ୦୬ | ତମାଣ୍ଡୋ | ୦୮ |
| ୦୭ | ଚନ୍ଦକା | ୦୮ |
| ୦୮ | ଜଟଣୀ | ୨୨ |
| ୦୯ | ଶହିଦ ନଗର | ୬୫ |
| ୧୦ | ଖାରବେଳ ନଗର | ୧୭ |
| ୧୧ | ମଞ୍ଚେଶ୍ୱର | ୩୧ |
| ୧୨ | ଲକ୍ଷ୍ମୀସାଗର | ୫୦ |
| ୧୩ | ଧଉଳି | ୧୮ |
| ୧୪ | ଏୟାରଫିଲଡ୍ | ୩୯ |
| ୧୫ | ଶ୍ରୀଲିଙ୍ଗରାଜ | ୪୦ |
| ୧୬ | କ୍ୟାପିଟାଲ | ୧୭ |
| ୧୭ | ବାଲିଅନ୍ତା | ୧୧ |
| ୧୮ | ବାଲିପାଟଣା | ୦୯ |
| ୧୯ | ବରଗଡ | ୧୩ |
| ୨୦ | ମହିଳା ଥାନା | ୬୫୭ |
| ୨୧ | ଏୟାରପୋର୍ଟ | ୧୨ |
| ୨୨ | ଡି.ସି.ପି ଅଭିଯୋଗ ପ୍ରକୋଷ୍ଠ | ୨୨୪ |
| ୨୩ | ସି.ପି ଅଭିଯୋଗ ପ୍ରକୋଷ୍ଠ | ୨୭ |
| ୨୪ | ଭରତପୁର | ୦୩ |
| ୨୫ | ପାହାଳ | ୦୨ |
| ୨୬ | ସାଇବର ଏବଂ ଅର୍ଥନୈତିକ ଅପରାଧ ଥାନା | ୦୧ |
| ୨୭ | ଇନ୍ଫୋ ଭାଲି | ୦୧ |
| ୨୮ | ମୈତ୍ରୀବିହାର | ୦୨ |
| ୨୯ | ଅନ୍ୟାନ୍ୟ | ୧୭ |
| | **ମୋଟ** | **୧୪୧୨** |

## କଟକ

| କ୍ର.ନଂ | ଥାନାର ନାମ | ସଂଖ୍ୟା |
|---|---|---|
| ୦୧ | ପୁରୀଘାଟ | ୦୭ |
| ୦୨ | ମାଲଗୋଦାମ | ୦୭ |
| ୦୩ | କ୍ୟାଣ୍ଟନ୍‌ମେଣ୍ଟ | ୦ |
| ୦୪ | କଟକ ସଦର | ୦୮ |
| ୦୫ | ମହିଳା ଥାନା | ୨୨୦୦ |
| ୦୬ | ବିଡାନାସୀ | ୦୫ |
| ୦୭ | ଲାଲବାଗ୍ | ୦୭ |
| ୦୮ | ମଧୁପାଟଣା | ୦୪ |
| ୦୯ | କନ୍ଦରପୁର | ୦୪ |
| ୧୦ | ଚୌଦ୍ୱାର | ୦୩ |
| ୧୧ | ଚାଉଳିଆଗଞ୍ଜ | ୦୪ |
| ୧୨ | ମର୍କତ ନଗର | ୦୪ |
| ୧୩ | ବାରଙ୍ଗ | ୦୧ |
| ୧୪ | ମଙ୍ଗଳାବାଗ | ୧୨ |
| ୧୫ | ଦରଘା ବଜାର | ୨୩ |
| ୧୬ | ଜଗତପୁର | ୦୩ |
| ୧୭ | ବାଦାମବାଡ଼ି | ୦୩ |
| ୧୮ | ୪୨ ମୌଜା | ୦୨ |
| ୧୯ | ସିଡିଏ ଫେଜ୍ ୨ | ୦ |
| ୨୦ | ଡି.ସି.ପି ଅଭିଯୋଗ ପ୍ରକୋଷ୍ଠ | ୧୪ |
| ୨୧ | ଅନ୍ୟାନ୍ୟ | ୦୮ |
| | **ମୋଟ** | **୨୩୧୯** |

## Home Visit







# ସଂକ୍ଷିପ୍ତରେ ମହିଳା ସହଯୋଗ କେନ୍ଦ୍ର "ମାଧ୍ୟମ"

- ଏହା ଏକ ପରାମର୍ଶ କେନ୍ଦ୍ର। ପରିବାର ତଥା ବାହାରେ ବିଭିନ୍ନ ପ୍ରକାର ହିଂସାର ଶିକାର ହେଉଥିବା ମହିଳାମାନଙ୍କୁ ସାମାଜିକ ତଥା ମନସ୍ତାତ୍ତ୍ୱିକ ପରାମର୍ଶ ଦେଇ ସମସ୍ୟାର ସମାଧାନ କରାଇବା।
- ୩ ସେପ୍ଟେମ୍ବର ୨୦୧୪ ମସିହାରୁ ଭୁବନେଶ୍ୱର ଡି.ସି.ପି ଅଫିସ ଓ କଟକ ମହିଳା ଥାନା ପରିସରରେ ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ଡେଭଲପମେଣ୍ଟ (ଆଇ.ଏସ୍.ଡି) ଓ କମିଶନରେଟ ପୋଲିସର ମିଳିତ ଉଦ୍ୟମରେ କାର୍ଯ୍ୟ କରି ଆସୁଛନ୍ତି।
- ଏହି କେନ୍ଦ୍ର ଦୁଇଟି କଟକ ଓ ଭୁବେଶ୍ୱରରେ ଅବସ୍ଥାପିତ ଦୁଇଜଣ ଡି.ସି.ପିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ କରେ।
- ପରାମର୍ଶ ପାଇଁ ଆଇ.ଏସ୍.ଡି ତରଫରୁ ପ୍ରତି କେନ୍ଦ୍ରରେ ପରାମର୍ଶଦାତ୍ରୀମାନଙ୍କୁ ନିଯୁକ୍ତି ଦିଆଯାଇଛି।
- ସୁରକ୍ଷା ଦୃଷ୍ଟିରୁ ପୋଲିସ ବିଭାଗ ତରଫରୁ ୨ଜଣ କନେଷ୍ଟବଳ ଓ ୨ଜଣ ମହିଳା ହୋମଗାର୍ଡଙ୍କୁ ନିଯୁକ୍ତି ଦିଆଯାଇଛି।
- ପରାମର୍ଶ ମାଧ୍ୟମରେ ମହିଳାମାନଙ୍କୁ ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ନିମନ୍ତେ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଥାଏ।
- ଯଦି ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ହୋଇ ନପାରେ ତେବେ କୋର୍ଟ ଓ ଥାନାର ସାହାର୍ଯ୍ୟ ନେବା ଦିଗରେ ସେମାନଙ୍କୁ ସବୁପ୍ରକାର ସହାୟତା ଯୋଗାଇ ଦିଆଯାଇଥାଏ।
- ଦରକାର ସମୟରେ ସଠିକ ତଥ୍ୟ ଓ ସମସ୍ୟା ସମାଧାନ ପରର ସ୍ଥିତି ପରଖିବା ପାଇଁ ପରାମର୍ଶଦାତ୍ରୀମାନେ ନିକଟସ୍ଥ ଥାନାର ସହାୟତା ନେଇ ଗୃହ ପରିଦର୍ଶନ କରିଥାନ୍ତି।
- ପିଡୀତାଟିଙ୍କୁ ଡାକ୍ତରୀ ସୁବିଧା, ଆଇନ ସହାୟତା, ଆର୍ଥିକ ସ୍ୱାବଲମ୍ବୀ କରାଇବାରେ ଏହି କେନ୍ଦ୍ର ବିଶେଷ ଭୂମିକା ପଦର୍ଶନ କରିଥାଏ।
- ଏହା ବ୍ୟତୀତ କେନ୍ଦ୍ର ବିଷୟରେ ଅଧିକରୁ ଅଧିକ ଲୋକ ଜାଣିବା ଓ ଜନସାଧାରଣଙ୍କ ଭିତରେ ପୋଲିସ ପ୍ରତି ଥିବା ଭୟକୁ ଦୂର କରିବା ନିମନ୍ତେ କମିଶନରେଟ୍ ପୋଲିସର କାର୍ଯ୍ୟପରିଧି ଭିତରେ ଥିବା ନିର୍ଦ୍ଦିଷ୍ଟ ଅଞ୍ଚଳରେ ଜନସାଧାରଣ ଓ ସ୍ଥାନୀୟ ପୋଲିସ ପ୍ରଶାସନ ମଧ୍ୟରେ ଏକ ପ୍ରଶ୍ନୋତ୍ତରଭିତ୍ତିକ ଆଲୋଚନାଚକ୍ରର ଆୟୋଜନ କରାଯାଇଥାଏ।

**ମାଧ୍ୟମକୁ ଅଭିଯୋଗ ନେଇ ଆସୁଥିବା ସମସ୍ତ ମହିଳାମାନଙ୍କର ତଥ୍ୟ ଗୋପନ ରଖାଯାଇଥାଏ।**

## Some of the tasks performed by the counselors at the support center are:

- Patient listening
- Registration of cases
- Individual meetings, joint meetings
- Counseling (individual counseling, joint counseling, group counseling and legal counseling)
- Home visits and fact-finding visits
- Streedhan Recovery, custody of the children
- Establishing Linkages with other support mechanisms – Protection Officers, Legal services, Police, Medical, Shelter Home, Help line, Govt. Schemes/Private Schemes, Socio-Economic Reintegration
- Maintaining detailed case records (discussion at each meeting is recorded), Preparing reports, Writing Case Studies
- Coordination and collaboration with the local police for support in handling matters as per need
- Organized Police Public face to face programme in different slums/ wards

# ମତାମତ

# ସଫଳ କାହାଣୀ

**ନିମ୍ନରେ ଦିଆଯାଇଥିବା ଫଟୋ ଓ କାହାଣୀଗୁଡ଼ିକ ସେମାନଙ୍କର ନିଜସ୍ୱ ସହମତରେ ଦିଆଯାଇଛି।**

ମହିଳାମାନଙ୍କ ବିରୁଦ୍ଧରେ ହେଉଥିବା ଅତ୍ୟାଚାର ଯଥା- ଘରୋଇ ହିଂସା, ଯୌନ ଆକ୍ରମଣ, ଶାରୀରିକ ଓ ମାନସିକ ନିର୍ଯ୍ୟାତନା, ଆର୍ଥିକ ଶୋଷଣ, କାର୍ଯ୍ୟକ୍ଷେତ୍ରରେ ଯୌନ ଉତ୍ପୀଡ଼ନ, ଡାହାଣୀ ସନ୍ଦେହରେ ମହିଳାଙ୍କ ନିର୍ଯ୍ୟାତନା, ଯୌତୁକ ନିର୍ଯ୍ୟାତନା, ଯୌତୁକଜନିତ ହତ୍ୟା, ସାଇବର ଅପରାଧ, ଏସିଡ୍ ଆକ୍ରମଣ ଓ ଯୁବତୀ ଚାଲାଣର ଶିକାର ହେଲେ ମହିଳାମାନେ 'ମାଧ୍ୟମ'ର ସହାୟତା ଲୋଡ଼ିଥାନ୍ତି। 'ମାଧ୍ୟମ' ଦ୍ୱାରା ନିୟୋଜିତ ପରାମର୍ଶଦାତ୍ରୀମାନେ ସେମାନଙ୍କ ଅଭିଯୋଗର ସମାଧାନ କରିବା ନିମନ୍ତେ ଉଭୟପକ୍ଷଙ୍କୁ ଡାକି ଆପୋଷ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ପ୍ରୟାସ କରିଥାନ୍ତି। 'ମାଧ୍ୟମ' ଦ୍ୱାରା ଯେଉଁମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ହୋଇ ପରିବାରରେ ସୁଖ-ଶାନ୍ତିରେ ଜୀବନଯାପନ କରୁଛନ୍ତି ଓ ଅନ୍ୟମାନଙ୍କ ପାଇଁ ଆଦର୍ଶ ସୃଷ୍ଟି କରିଛନ୍ତି ସେହିଭଳି କିଛି ପରିବାରର ସଫଳ କାହାଣୀ ସେମାନଙ୍କ ନିଜସ୍ୱ ମତାମତ ନେଇ ନିମ୍ନରେ ଦିଆଗଲା।

ମୁଁ ବର୍ଷା, ମୋର ସ୍ୱାମୀଙ୍କ ନାମ ଅଶୋକ। ଆମେ କଟକର ବାସିନ୍ଦା ଅଟୁ। ବିବାହର ଅନେକ ଦିନ ପରେ ଜାଣିବାକୁ ପାଇଲି ମୋର ସ୍ୱାମୀଙ୍କର ଅନ୍ୟ ମହିଳାଙ୍କ ସଙ୍ଗେ ସମ୍ପର୍କ ଅଛି। ମୋର ଗୋଟିଏ ପୁଅ ଏବଂ ଝିଅ ମଧ୍ୟ ଅଛନ୍ତି। ସ୍ୱାମୀ ବାରମ୍ବାର ମଦ୍ୟପାନ କରିକି ଛୁଆଙ୍କୁ ଓ ମତେ ଗାଳି ଦେଉଥିଲେ। ଖରାପ ଭାଷାରେ ଅନେକ କଥା କହୁଥିଲେ। ମୋର ଜଣେ ସାଙ୍ଗଠାରୁ 'ମାଧ୍ୟମ' ବିଷୟରେ ଜାଣିବାକୁ ପାଇଲି। ମୁଁ ମନେମନେ ସ୍ଥିର କଲି ଯେ 'ମାଧ୍ୟମ'କୁ ଯାଇ ମୋର ସମସ୍ୟା ଜଣାଇବି। ମୁଁ ସେଠାକୁ ଯାଇ ଯେତେବେଳେ ସେଠାକାର ପରାମର୍ଶଦାତ୍ରୀ ରୋଜାଲିନ୍ ମାଡାମ୍‌ଙ୍କୁ ମୋର ସବୁ ସମସ୍ୟା କହିଲି, ସେ ଧୈର୍ଯ୍ୟର ସହ ମୋର ସମସ୍ୟାକୁ ଶୁଣିଲେ ଓ ମୋତେ ପ୍ରତିଶ୍ରୁତି ଦେଇ ଏହାର କିଛି ଗୋଟେ ସମାଧାନର ବାଟ ଖୋଜିବା ପାଇଁ କହିଲେ। ସେ ମୋ ସ୍ୱାମୀଙ୍କୁ ଡକାଇ ଅନେକ ବୁଝାସୁଝା କଲାପରେ ମୁଁ ସ୍ୱାମୀଙ୍କ ସହ ଘରକୁ ଯିବାପାଇଁ ନିଷ୍ପତ୍ତି ନେଲି। ଏବେ ମୁଁ ମୋ ପରିବାର ସହ ଖୁସିରେ ଅଛି। ମୁଁ ଏତିକି କହିବି, ମୋ ଭଳି ମହିଳାମାନେ ଯେଉଁମାନେ ନିଜ ପାରିବାରିକ ସମ୍ପର୍କକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି ଯଥାଶୀଘ୍ର 'ମାଧ୍ୟମ'କୁ ନିଜର ସମସ୍ୟା ଜଣାଇ ତାହାର ସମାଧାନ କରନ୍ତୁ।



ଲିପ୍ସା ଦାସ ଓ ତାଙ୍କ ପରିବାର



ପୂଜାଲିନୀ ଦାସ ଓ ତାଙ୍କ ପରିବାର

ସ୍ୱାମୀ ସ୍ତ୍ରୀର ଜୀବନ ସମୁଦ୍ରର ଢେଉଭଳି। କେତେବେଳେ ବହୁତ ଭଲ ସମୟ ତ କେତେବେଳେ ବହୁତ ଖରାପ ସମୟର ସମ୍ମୁଖୀନ କରିବାକୁ ପଡ଼େ। ଯେତେବେଳେ ସ୍ୱାମୀ ସ୍ତ୍ରୀର ସମ୍ପର୍କରେ କିଛି ଅସୁବିଧା ଆସିବ ସେତେବେଳେ ଦୁଇଜଣ ଭାବନ୍ତି ଅଲଗା ହୋଇଯିବା ଭଲ କିନ୍ତୁ ପୁଣି ଥରେ ସେହି ସମ୍ପର୍କକୁ ଯୋଡ଼ିବା ପାଇଁ କାମ କରନ୍ତି 'ମାଧ୍ୟମ'। ମୋର ବିବାହ କଟକ ଓଡ଼ିଆ ବଜାରରେ ମୁସ୍‌ଲିମ୍ ଘରେ ହୋଇଥିଲା କିନ୍ତୁ ମୁଁ ହିନ୍ଦୁ ଥିଲି। ସଂସାର ଗଢ଼ି ତୋଳିବାକୁ ନେଇ ବହୁତ ଅସୁବିଧାର ସମ୍ମୁଖୀନ କରିବା ସମୟରେ ଆମେ ଦୁଇଜଣ ସ୍ଥିର କଲୁ ଅଲଗା ହବା ପାଇଁ। ମୁଁ ଭାବିଲି ଅଲଗା ହେବା ଠିକ୍ ନୁହେଁ। ସଂସାର ଭାଙ୍ଗିବା ପୂର୍ବରୁ ଥରେ ଯୋଡ଼ିବା ପାଇଁ ଚେଷ୍ଟାକରାଯାଇପାରେ ବୋଲି ଭାବିଲି। ସେତେବେଳେ ମୁଁ କଟକ 'ମାଧ୍ୟମ'ର ସାହାଯ୍ୟ ନେଇଥିଲି। ରୋଜାଲିନ୍ ମାଡାମ୍ ସବୁବେଳେ ମୋତେ ସାହାଯ୍ୟ କଲେ ଆଉ ମୋ ସ୍ୱାମୀ, ଘର ସହିତ କଥା ହୋଇ ମୋର ସବୁ ଅସୁବିଧାକୁ ଠିକ୍ କଲେ। ଏବେ ମୁଁ ମୋ ଶାଶୁ ଘରେ ବହୁତ ଖୁସିରେ ଅଛି। ସେଥିପାଇଁ ମୁଁ କୃତଜ୍ଞ ପ୍ରକାଶ କରୁଛି। ଧନ୍ୟବାଦ୍।

# ସଫଳ କାହାଣୀ



ଦେବସ୍ମିତା ଓ ତାଙ୍କ ପରିବାର

ମୋର ବୟସ ଅଧିକ ହୋଇନଥିଲେ ମଧ୍ୟ ପାଠ ପଢ଼ିବା ସମୟରେ ବିବାହ ହୋଇଯାଇଥିଲା। ମୁଁ ଜଣେ ଓଡିଶୀ ନୃତ୍ୟଶିଳ୍ପୀ ଓ ଓଡ଼ିଶା ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀ। ସ୍ୱାମୀ ବିଶ୍ୱପ୍ରକାଶ ସାହୁଙ୍କୁ ସାମାଜିକ ଗଣମାଧ୍ୟମରେ ଦେଖିଥିଲି। ଆମେ ପରସ୍ପରକୁ ପସନ୍ଦ କରିବାରୁ ଆମର ବିବାହ ମଧ୍ୟ ହୋଇଥିଲା। କିନ୍ତୁ ବିବାହ ପରେ ମୋ ଶାଶୁଘର ଲୋକଙ୍କ ହସ୍ତକ୍ଷେପ, ସ୍ୱାମୀଙ୍କ ସନ୍ଦେହ ଗୁଣ ଯୋଗୁ ମୋତେ ପାଠ ପଢ଼ିବାକୁ ନଦେବା ଓ ଆର୍ଥିକ ସମସ୍ୟା ଆମ ଭିତରେ ଦୂରତା ଆଣି ଦେଇଥିଲା। ମାତ୍ର ୪ ମାସ ବାହାଘରରେ ଆମେ ଝଗଡ଼ାର ଚରମ ସୀମାକୁ ପଳାଇଥିଲୁ। ଏପରିକି ଆମେ ଅଲଗା ହେବ ପାଇଁ ସ୍ଥିର କରିଥିଲୁ। ସେହି ସମୟରେ ମୁଁ ମାଧ୍ୟମ ର ଦ୍ୱାରସ୍ଥ ହୋଇଥିଲି। ଥରେ ନୁହେଁ ବାରମ୍ବାର ଆସିଥିଲୁ। ଆମକୁ ମଧ୍ୟ ସେଠାରେ ଥିବା ଦୁଇଜଣ କାଉନସେଲର ମାଡାମ୍ ଓ ଆଇନଜୀବୀ ବହୁ ସମୟ ଦେଇ ବୁଝାଇ ଥିଲେ। ଆମ ପରିବାର ଲୋକଙ୍କୁ ମଧ୍ୟ ବୁଝାଇ ଥିଲେ। ସେମାନଙ୍କ ଉଦ୍ୟମ ଯୋଗୁ ଆମର ସୁଖ ସଂସାର ଯୋଡି ହୋଇ ଯାଇଥିଲା। ମୋ ସ୍ୱାମୀ ମୋର ଓଡିଶୀ ନୃତ୍ୟକୁ ଜାରି ରଖିବାକୁ ବିରୋଧ କରିନଥିଲେ। ଆମେ ଦୁଇ ଜଣ ଏବେ ଖୁବ ଖୁସିରେ ଅଛୁ। ଆମର ସଂସାରଟିକୁ ଯୋଡ଼ି ଦେଇଥିବାରୁ ମୁ 'ମାଧ୍ୟମ' ଓ ଏହାର ସମସ୍ତ କର୍ମକର୍ତ୍ତାଙ୍କ ନିକଟରେ ଚିର ଋଣୀ ହୋଇ ରହିବି।



ଡ ଶୁଭଲକ୍ଷ୍ମୀ ରଥ ଓ ତାଙ୍କ ପରିବାର

ମୋର ବିବାହ ୨୦୧୭ ଫେବୃଆରୀରେ ମୁମ୍ବାଇରେ ରହୁଥିବା ରାମକୃଷ୍ଣ ପାଢ଼ୀଙ୍କ ସହିତ ହୋଇଥିଲା। ବିବାହ ପରେ ଆମେ ରାମକୃଷ୍ଣଙ୍କ ମୁମ୍ବାଇ ସ୍ଥିତ ଘରେ ତାଙ୍କ ପରିବାର ସହିତ ରହିବା ପାଇଁ ଯାଇଥିଲୁ। ସେଠାରେ ଏକମାସ ରହିବା ଭିତରେ ମୋ ଶାଶୁ ଓ ନଣନ୍ଦଙ୍କ ଦ୍ୱାରା ପ୍ରତ୍ୟହ ମାନସିକ ନିର୍ଯାତନାର ଶିକାର ହୋଇଥିଲି। ଏପରିକି ମୋ ସ୍ୱାମୀଙ୍କୁ ମୋ ସହ ଓଡ଼ିଶା ଆସିବାକୁ ମଧ୍ୟ ସେମାନେ ଦେଉନଥିଲେ। ମୁଁ ଜଣେ ସରକାରୀ ଡାକ୍ତର ଭାବେ ଓଡ଼ିଶାରେ କାମ କରୁଥିବାରୁ ମୋତେ ଓଡ଼ିଶା ଆସିବାକୁ ପଡୁଥିଲା। ମୋ ସ୍ୱାମୀଙ୍କର ୱାର୍କ ଫ୍ରମ ହୋମ କରିବାର ସୁଯୋଗ ଥିଲା ଓ ସେ ଆସିବାକୁ ମଧ୍ୟ ଚାହୁଁଥିଲେ କିନ୍ତୁ ଶାଶୁ ନଣନ୍ଦଙ୍କ ହସ୍ତକ୍ଷେପ ଯୋଗୁ ସେ ଆସୁନଥିଲେ। ଏହିଭଳି ଭାବେ ମୋ ସଂସାର ଭାଙ୍ଗିବାକୁ ବସିଥିଲା। ଆମ ଭିତରେ ବହୁତ ସମସ୍ୟା ଦେଖାଦେଇଥିଲା। କିପରି ଠିକ ହେବ ଜାଣିପାରୁନଥିଲି। ବାଧ୍ୟ ହୋଇ ଭୁବନେଶ୍ୱରର ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲି। ସେମାନେ ମୋତେ 'ମାଧ୍ୟମ'କୁ ପଠାଇଥିଲେ। ସେଠାରେ ପରାମର୍ଶଦାତ୍ରୀ ଭାବେ କାର୍ଯ କରୁଥିବା ଅନିମା ମିଶ୍ର, ମୋର କେସ ଟିକୁ ଭଲଭାବେ ଶୁଣି ଦୁଇ ପରିବାରକୁ ଡାକି ବୁଝାଇଥିଲେ। ତାଙ୍କ ପ୍ରଚେଷ୍ଟା ଯୋଗୁ ଆମ ସଂସାର ପୁଣି ଥରେ ଯୋଡ଼ି ହୋଇଯାଇଥିଲା। ମୋ ସ୍ୱାମୀ ଏବେ ମୋ ସହ ଭୁବନେଶ୍ୱରରେ ଏକାଠି ରହୁଛନ୍ତି ଓ ଆମେ ଖୁବ ଖୁସିରେ ଅଛୁ। ଆମେ ମଧ୍ୟ ସମୟ ସମୟରେ ମୁମ୍ବାଇ ଯାଇ ପରିବାର ସହିତ ସମୟ ବିତାଉଛୁ। 'ମାଧ୍ୟମ'ର ଉଦ୍ୟମ ଯୋଗୁ ମୋ ଭାଙ୍ଗି ଯାଉଥିବା ସଂସାର ଯୋଡ଼ି ହୋଇଯାଇଛି। ସେଥିପାଇଁ ମୁଁ ମାଧ୍ୟମର ସମସ୍ତ କର୍ମକର୍ତ୍ତାଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛି।

# ଗୋଷ୍ଠିସ୍ତରୀୟ ଥଇଥାନ

## COMMUNITY BASED REHABILITATION

**ଚଳିତ ବର୍ଷ 'ମାଧ୍ୟମ' ତରଫରୁ ଏକ ନୂତନ ପଦକ୍ଷେପ ହାତକୁ ନିଆଯାଇଛି । ଦୀର୍ଘ ୧୧ ବର୍ଷର କାର୍ଯ୍ୟକ୍ରମ ମଧ୍ୟରେ ଅନେକ ସମୟରେ ଅନେକ ମହିଳା ଆମକୁ ଅନୁରୋଧ କରିଥିଲେ ଯେ, କିଛି କାମ ଦେଲେ ଆମେ କିଛି ଉପକୃତ ପାଇବୁ ଓ ନିଜଗୋଡ଼ରେ ନିଜେ ଛିଡ଼ାହୋଇ ପାରିବୁ । ସୀମିତ ସମ୍ବଳ ମଧ୍ୟରେ ଏସବୁ କରିବା ଆମ ପାଖେ ସମ୍ଭବ ହୋଇନଥିଲା । କେତେବେଳେ କେମିତି କିଛି ମହିଳାଙ୍କୁ ଅନ୍ୟ ସଂସ୍ଥାମାନଙ୍କ ସହ ଯୋଡ଼ି କାମଯୋଗାଇ ଦେଉଥିଲୁ । କିନ୍ତୁ ଏହା କେବଳ ନାମକୁ ମାତ୍ର ଥିଲା । ଏହି ବର୍ଷ ଠାରୁ ଆରମ୍ଭ କରାଯାଇଥିବା ନୂଆ ପଦକ୍ଷେପ ମାଧ୍ୟମରେ ଆମେ ୫ଜଣ ମହିଳାଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରିଛୁ । ସେମାନଙ୍କ ବିଷୟରେ ନିମ୍ନରେ ଦିଆଗଲା ।**

### ଗୀତାଞ୍ଜଳୀ ରାଉତ

ଗୀତାଞ୍ଜଳୀ ରାଉତ ୨୦୦୩ ମସିହା ଫେବ୍ରୁୟାରୀ ୨୮ ତାରିଖରେ ଖୋର୍ଦ୍ଧା ଗଡମନୀତିରି ଅଞ୍ଚଳର ସନ୍ତୋଷ କୁମାର ରାଉତରାୟଙ୍କ ସହ ଆୟୋଜିତ ବିବାହ ହୋଇଥିଲା । ସ୍ୱାମୀ ଭୁବନେଶ୍ୱରରେ ଏକ ଗ୍ୟାସ ଏଜେନସି ରେ କାମ କରୁଥିଲେ ।ବିବାହ ପରେ ପ୍ରଥମେ କିଛିଦିନ ସବୁକିଛି ଠିକାଠକ ଚାଲିଥିଲା । ଦୁଇ ଝିଅ ଓ ପୁଅ ଟିଏ ମଧ୍ୟ ହୋଇଥିଲା । କିନ୍ତୁ ୨୦୧୭ ମସିହାରୁ ସ୍ୱାମୀ ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କ ରଖିବା ଆରମ୍ଭ କରିଥିଲେ । ସେବେଠାରୁ ସେ ମୋ ଉପରେ ଅତ୍ୟାଚାର ଆରମ୍ଭ କରିଥିଲେ । ଯେତେବେଳେ ବି ସେ ମୋ ପାଖକୁ ଗାଁକୁ ଆସନ୍ତି ମଦ ପିଇ ମାରପିଟ କରନ୍ତି । ଦିନେ ସେ ତାଙ୍କର ଦ୍ୱିତୀୟ ପତ୍ନୀଙ୍କୁ ଧରି ଘରକୁ ଆସିଲେ । ମୁଁ ପ୍ରତିବାଦ କରିବାରୁ ମୋତେ ମାଡ ଦେବା ସହ କହିଲେ ଯେ ସେ ଏହି ଘରେ ରହିବ, ତୁ କୁଆଡ଼େ ଯାଉଛୁ ଯା । ଏପରିକି ପିଲାମାନଙ୍କୁ ପାଠ ପଢାଇବାକୁ ମଧ୍ୟ ରାଜି ହେଲେ ନାହିଁ ।




୨୦୧୮ ମସିହାରେ ମୁଁ କିଛି ନ୍ୟାୟ ପାଇବା ଆଶାରେ 'ମାଧ୍ୟମ' ର ଦ୍ୱାରସ୍ଥ ହୋଇଥିଲି । ସେଠାରେ ଥିବା ଅନିମା ମିଶ୍ର ମାଡାମ ମୋର ସମସ୍ୟାର ସମାଧାନ ପାଇଁ ମୋ ସ୍ୱାମୀଙ୍କୁ ମଧ୍ୟ ଡାକିଥିଲେ । ତେବେ ମୋ ସ୍ୱାମୀ କିଛି ଭରଣ ପୋଷଣ ଦେବେ ନାହିଁ, ଯଦି ନେବା କଥା ତେବେ କୋର୍ଟ ରେ ଯାହା ନିଷ୍ପତ୍ତି ହେବ ମାନିବେ ବୋଲି କହିଲେ । ପ୍ରଥମେ ତ ମୁଁ ସମ୍ପୂର୍ଣ ଭାଙ୍ଗି ପଡିଥିଲି । କୋର୍ଟକୁ ଯାଇ ମୋର ସମୟ ନଷ୍ଟ କରିବାକୁ ଚାହୁଁନଥିଲି । ତିନିଟି ଛୁଆଙ୍କୁ ଧରି ସବୁ ଦାୟିତ୍ୱ ବୁଝିବା କଷ୍ଟକର ହୋଇପଡିବ ଭାବି ଚିନ୍ତିତ ଥିଲି । ଏହି ସମୟରେ 'ମାଧ୍ୟମ' ପକ୍ଷରୁ ମୋତେ ନିଜ ଗୋଡରେ କିପରି ଛିଡ଼ା ହେବି ସେ ବିଷୟରେ ଅନେକ ବୁଝାଇଥିଲେ । ମାନସିକ ଭାବେ ବଳ ଦେଇଥିଲେ । ସେହି ସମୟରେ ମୋ ବାପଘରେ ପିଲାଙ୍କୁ ଛାଡି ସିଲେଇ ଶିଖିଥିଲି । ପରେ ଏକ ଛୋଟ ଘର ଭଡା ନେଇ ସିଲେଇ କାମ କରି ପିଲାଙ୍କୁ ପାଠ ପଢାଇଲି । ବହୁ ପରିଶ୍ରମ କରି ମୁଁ ମୋ ସଂସାରକୁ ସଜାଡିବାରେ ଲାଗିଥିଲି । କିଛି ଦିନ ତଳେ ମୋ ସ୍ୱାମୀ ତାଙ୍କ ଦ୍ୱିତୀୟ ସ୍ତ୍ରୀ ସହ ଝଗଡା କରି ମୋ ପାଖକୁ ଆସିଥିଲେ । ମୋତେ ନେବେ ବୋଲି କହୁଥିଲେ । କିନ୍ତୁ ମୁଁ ତାଙ୍କସହ ଆଉ ଯିବିନାହିଁ ବୋଲି ସ୍ଥିର କରିଥିଲି ।

ମୋ ପାଖରେ ସିଲେଇ କରୁଥିବା ଜଣେ ଭଦ୍ରମହିଳା ତାଙ୍କ ବୃଦ୍ଧ ବାପାମାଙ୍କ ଯତ୍ନ ନେବା ପାଇଁ ମୋତେ ଓ ମୋ ପିଲାଙ୍କୁ ତାଙ୍କ ଘରେ ରହିବା ପାଇଁ କହିଲେ । ସେ ମୋତେ ସେଠାରେ ସିଲେଇ କରିବାକୁ ମଧ୍ୟ ଅନୁମତି ଦେଇଥିଲେ । ଏବେ ମୁଁ ତାଙ୍କ ଘରେ ରହି ତାଙ୍କ ବାପା ମାଙ୍କ ଯତ୍ନ ନେବା ସହ ସିଲେଇ କାମ କରୁଛି । ମୋ ସିଲେଇ କାମରେ ଖୁସି ହୋଇ ଅନେକ ଅର୍ଡର ଆସୁଥିବା ବେଳେ ମୋ ପାଖରେ ଏତେ ମେସିନ ନଥିଲା । ଅର୍ଡର ଭରଣ କରିବା ପାଇଁ କିଛି ମେସିନ ର ଆବଶ୍ୟକତା ପଡୁଥିବାରୁ ମୁଁ ବଡ ଚିନ୍ତାରେ ଥିଲି । ଏହି ସମୟରେ ମାଧ୍ୟମ ପକ୍ଷରୁ ମୋତେ ସିଲେଇ ମେସିନ ଯୋଗାଇ ଦେବେ ବୋଲି କହିଥିଲେ । ଯାହା ଫଳରେ ମୋ ଆନନ୍ଦର ସୀମା ରହିଲା ନାହିଁ । ପୁଣି ଥରେ ଦେବଦୂତ ଭଳି ଠିକ ସମୟରେ 'ମାଧ୍ୟମ' ମୋତେ ସହଯୋଗର ହାତ ବଢାଇଥିବାରୁ ମୁଁ ସେମାନଙ୍କ ପ୍ରତି ହୃଦୟରୁ କୃତଜ୍ଞତା ପ୍ରକାଶ କରୁଛି ।

# କାଇନାଥ ପରବିନ୍



କାଇନାଥ ପରବିନ୍ ଜଣେ ଏସିଡ୍ ଆଟାକ୍ ପୀଡ଼ିତା। ୨୦୦୯ ମସିହାରେ ତାଙ୍କ ସାଙ୍ଗେ ଏହି ଲୋମହର୍ଷଣକାରୀ ଘଟଣା ଘଟିଥିଲା । ବାନ୍ଧବୀଙ୍କ ସଙ୍ଗେ ସାଇକେଲରେ ଯାଉଥିଲାବେଳେ କେହିଜଣେ ତାଙ୍କ ଉପରେ କିଛି ଗରମ ତରଳ ପଦାର୍ଥ ଢାଳି ଦେଇଥିଲା। ସେ ସେଇଠାରେ ଠିଆହୋଇ ଯନ୍ତ୍ରଣାରେ ଛଟପଟ ହୋଇ ଚିତ୍କାର କରୁଥିଲେ। ତାଙ୍କର ମୁହଁ ହାତ ଓ ବେକ ସବୁ ଜଳି ଯାଇଥିଲା ବୋଲି ସେ ଅନୁଭବ କରିପାରୁଥିଲେ। ସେଠାରେ ଥିବା ଲୋକମାନେ ଏସିଡ୍ ଆଟାକ୍ କରିଥିବା ବ୍ୟକ୍ତିକୁ କାବୁ କରିଥିଲେ ଓ କାଇନାଥକୁ ମେଡିକାଲରେ ତୁରନ୍ତ ଭର୍ତ୍ତି କରିଥିଲେ।

ଅସହ୍ୟ କଷ୍ଟ ଯନ୍ତ୍ରଣାରେ ଦୁଇମାସ କାଳ କଟକ ବଡ଼ ମେଡ଼ିକାଲରେ ମୃତ୍ୟୁ ସହ ସଂଗ୍ରାମ ଚାଲିଥିଲା। ଡ଼ାକ୍ତର ଅରୁଣ ଚୌଧୁରୀ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମତେ ଚିକିତ୍ସା କରୁଥିଲେ। ଏହି ସମୟରେ ବେକରେ ଭୀଷଣ ଆଘାତ ହୋଇଥିବାରୁ ଅପରେସନ କରିବାକୁ ପଡ଼ିଥିଲା। ପୋଲିସ ମେଡ଼ିକାଲକୁ ଆସି ସମୟ ସମୟରେ ଏ ବିଷୟରେ କଥାବାର୍ତ୍ତା ହେଉଥିଲେ।

ଘଟଣାଟି ଥାନାରୁ କୋର୍ଟକୁ ଯାଇଥିଲା। କୋର୍ଟରେ ମଧ୍ୟ ଏହାର ବିଚାର ଆରମ୍ଭ ହୋଇଯାଇଥିଲା। ଭୀଷଣ କଷ୍ଟ ଯନ୍ତ୍ରଣା ସତ୍ତ୍ୱେ କୋର୍ଟ ତାରିଖ ଦିନ ମୁଁ ମାନ୍ୟବର ଅଦାଲତରେ ଉପସ୍ଥିତ ରହି ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ବୟାନ ରଖିଥିଲି। କୋର୍ଟ ପରିସରରେ ଏସିଡ଼ ଫିଙ୍ଗା ଲୋକଟି ପାଗଳ ବୋଲି ଆଲୋଚନା ହେଉଥିଲା। ତାକୁ ୫ବର୍ଷ ଜେଲଦଣ୍ଡ ପରେ ମାମଲା ସରିବା ପରେ ପୁଣି ୮ ବର୍ଷର ଜେଲଦଣ୍ଡ ଶୁଣାଇ ଦିଆଗଲା। ଏ ଘଟଣା ପରେ ମଧ୍ୟ ମୋତେ ଆଜି ପର୍ଯ୍ୟନ୍ତ କୌଣସି କ୍ଷତିପୂରଣ ମିଳିନାହିଁ। ମୁଁ କିଭଳି କ୍ଷତିପୂରଣ ପାଇବି ସେ ବିଷୟରେ ସାହାଯ୍ୟ ମାଗିବା ପାଇଁ ମାଧ୍ୟମ, କଟକ କେନ୍ଦ୍ରକୁ ଆସିଥିଲି। ମୁଁ ଯେହେତୁ କିଛି ସିଲେଇ କାମ ଜାଣିଥିଲି ମାଧ୍ୟମ ତରଫରୁ ମୋତେ ସିଲେଇ ମେସିନ୍ ଯୋଗାଇ ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ଆଜି ମୁଁ ଦୁଇଟି ସିଲେଇ ମେସିନ୍ ନେଇ ମୋର କାମ ଆରମ୍ଭ କରିଛି। ଏହା ସାହାଯ୍ୟରେ ନିଜେ ଘରେ ରହି କିଛି ରୋଜଗାର କରିବା ପାଇଁ ଆଶା ରଖିଛି।

# ଶୁଭସ୍ମିତା ପଟ୍ଟନାୟକ

୨୦୦୫ ମସିହାରେ ୧୯ ବର୍ଷ ବୟସରେ ମୋର ବାହାଘର ଶ୍ରୀକାନ୍ତ ପଟ୍ଟନାୟକ, ଗ୍ରାମ - ଗଡ଼କୋକିଲ, ଜିଲ୍ଲା - ପୁରୀଙ୍କ ସହିତ ହୋଇଥିଲା। ବାହାଘର ସମୟରେ ସେ ଜଣେ ସିକ୍ୟୁରିଟି ଗାର୍ଡ଼ ଭାବେ କାର୍ଯ୍ୟ କରୁଥିଲେ। ବାହାଘରର ଗୋଟିଏ ବର୍ଷ ପରେ ମୋର ପୁଅଟିଏ ହେଲା। ମୋର ସ୍ୱାମୀ ଆଉ ସିକ୍ୟୁରିଟି ସଂସ୍ଥାକୁ କାମ କରିବାକୁ ଗଲେନାହିଁ ଘରେ ବସିଲେ। ମୁଁ ଯେତେବେଳେ ତାଙ୍କୁ କାମ କରିବା ପାଇଁ କହିଲି ମୋତେ ସବୁବେଳେ ମାଡ଼ ମାରିଲେ। ପୁଅର କଥା କିଛି ବୁଝିଲେନି। ଶାଶୁ ଶ୍ୱଶୁରଙ୍କ କଥା ମଧ୍ୟ ଶୁଣିଲେ ନାହିଁ। ମୋର ଓ ପୁଅର ଚଳିବା ପାଇଁ ବହୁତ ଅସୁବିଧା ହେଲା। ସେ




ସବୁବେଳେ କହିଲେ ବାପଘରୁ ଦୁଇ ଲକ୍ଷ ଟଙ୍କା ଆଣେ ମୁଁ ବ୍ୟବସାୟ କରିବି। ମୋ ବାପଘର ବହୁତ ଗରିବ ଘର। ମୋ ବାପା ଜଣେ ସାଧାରଣ ଲାଇନମ୍ୟାନ ଭାବେ କାମ କରୁଥିଲେ। ବାହାଘର ସମୟରେ ମୋ ବାପା ଦେଇଥିବା ୮୦ ହଜାର ଟଙ୍କା ମଧ୍ୟ ମୋ ସ୍ୱାମୀ ଖର୍ଚ୍ଚ କରିଦେଲେ। ସବୁବେଳେ ପଇସା କଥା କହି ମୋତେ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେବା ଫଳରେ ମୁଁ ୨୦୧୩ ମସିହାରେ ବାପଘରକୁ ଚାଲିଆସିଲି। ପୁଅକୁ ଏଠି ପାଠ ପଢ଼ାଇବା ପାଇଁ ସ୍କୁଲରେ ଆଡ଼ମିଶନ କଲି। ଏହି ଭିତରେ ମୁଁ ମହିଳା କମିଶନ, ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲି। ମହିଳାଥାନା ମୋତେ ମାଧ୍ୟମକୁ ପଠାଇଥିଲେ। ମାଧ୍ୟମ ଉଭୟପକ୍ଷଙ୍କୁ ଡାକି ବହୁତ ବୁଝାଶୁଝା କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରିନଥିଲା। ୨୦୧୭ ମସିହାରେ ମୋ ଶାଶୁଶ୍ୱଶୁର ତାଙ୍କ ପୁଅକୁ

ଆଉ ଗୋଟିଏ ଝିଅ ସହିତ ବାହା କରାଇଲେ । ତେଣୁ ମୁଁ ସମ୍ପୂର୍ଣ୍ଣଭାବେ ମୋ ବାପାଙ୍କ ଘରେ ରହିଲି । ଏହି ସମୟରେ ବାପା ମୋତେ ସିଲାଇ ଶିକ୍ଷା କରିବାକୁ କହିଲେ । ଡମାଣ୍ଡୋକୁ ଆସି ଭଡ଼ା ଘର ନେଇ ସିଲାଇ ଶିକ୍ଷା କରିବା ସହ ମୁଁ ପୁଅକୁ ମଧ୍ୟ ପାଠ ପଢ଼ାଇଲି । ଆଉ ଶାଶୁ ଘରକୁ ଗଲିନାହିଁ । ୨୦୨୪ ମସିହାରେ ମୋର ସ୍ୱାମୀଙ୍କ ଦେହାନ୍ତ ହୋଇଗଲା । 'ମାଧ୍ୟମ'ର କର୍ମକର୍ତ୍ତାମାନେ ମୋ ବିଷୟରେ ଆଗରୁ ଜାଣିଥିଲେ । ମୁଁ ରହୁଥିବା ରଘୁନାଥପୁର ଘରକୁ ଆସି ମୋର ଛୋଟିଆ ଦୋକାନଟି ଦେଖି ଆଗକୁ ବଢ଼ିବା ପାଇଁ କଥାବାର୍ତ୍ତା କଲେ । ସେମାନେ ମୋର ଆର୍ଥିକ ସହଯୋଗର ଆବଶ୍ୟକତା ଅଛି ବୋଲି ଜାଣିପାରି ସାହାଯ୍ୟର ହାତ ବଢ଼ାଇଲେ । ମୋର ଆବଶ୍ୟକତା ଅନୁଯାୟୀ ସିଲେଇ ମେସିନ୍ ଓ ଆନୁସଙ୍ଗିକ ଉପକରଣ ଯୋଗାଇ ଦେଇଛନ୍ତି । ଏବେ ମୁଁ ଭଲରେ କାମ କରିପାରୁଛି ଓ ଅଧିକ କାର୍ଯ୍ୟ ମଧ୍ୟ କରୁଛି । ମୋତେ ଆର୍ଥିକ ସହାୟତା ପ୍ରଦାନ ସହିତ ମେସିନ ଯୋଗାଇ ଦେଇଥିବାରୁ ମୁଁ ଆଇ.ଏସ.ଡ଼ି.ର ନିର୍ଦ୍ଦେଶିକା ଶୁଭଶ୍ରୀ ଦାସ ଓ ସମସ୍ତ ପରାମର୍ଶଦାତ୍ରୀ ତଥା ସହଯୋଗୀମାନଙ୍କୁ ମୋ ହୃଦୟର କୃତଜ୍ଞତା ଜ୍ଞାପନ କରୁଛି ।



## ଅର୍ପିତା ନାୟକ



୨୦୧୧ ମସିହା ଜୁନ୍ ମାସ ୨୯ ତାରିଖରେ ବିଶ୍ୱଜିତ୍ ନାୟକଙ୍କ ସଙ୍ଗେ ବିବାହ ହୋଇଥିଲା । ସ୍ୱାମୀ ମୋର ସେତେବେଳେ ବାଙ୍ଗାଲୋର୍‌ରେ କାମ କରୁଥିଲେ । ବିବାହର ଦେଢ଼ମାସ ପରେ ସେ ମୋତେ ତାଙ୍କ ପାଖକୁ ନେଇଯାଇଥିଲେ । ସେଠାରେ କିଛି ମାସ ରହିବା ପରେ ମୁଁ ଗର୍ଭବତୀ ହେଲି । ସେହି ସମୟରେ ସେ ମୋତେ ଆଣି ତାଙ୍କ ଘରେ ଛାଡ଼ିଦେଇଗଲେ । ଶାଶୁଘରେ ରହିବା ପରେ ମୋ ଶାଶୁ ମୋ ଉପରେ ଅନେକ ନିର୍ଯ୍ୟାତନା ଦେଉଥିଲେ । ଏପରିକି ରାତି ୩ଟାରୁ ଉଠି ଘରକାମଦାମ ନକଲେ ମାରିବାକୁ ପଛାଉନଥିଲେ । ଏସବୁ କରିବାର କାରଣ ହେଲା ମୁଁ ଯୌତୁକ ନେଇନଥିଲି । ସବୁବେଳେ ଯୌତୁକ ପାଇଁ ମୋ ଶାଶୁ, ଶଶୁର ମାଡ଼ଗାଳି କରନ୍ତି । ସ୍ୱାମୀ ବି ସେମାନଙ୍କ କଥାରେ ପଡ଼ି ମୋତେ ବହୁତ ହଇରାଣ କରନ୍ତି । ମୋତେ ଜୀବନରୁ ମାରିଦେବାପାଇଁ ମଧ ବହୁତ ଉଦ୍ୟମ କରିଛନ୍ତି । କଥାକଥାରେ ବାଡ଼େଇବା ଗୋଟେ ଅଭ୍ୟାସ ହୋଇଯାଇଥିଲା ସେମାନଙ୍କର । ମୋ ବାପା ଜଣେ ଗରୀବ ଲୋକ । ତଥାପି ସେ ମୋତେ ବହୁତ ସାହାଯ୍ୟ କରିଥିଲେ । ମୋର ଡେଲିଭରୀ ବେଳେ ମୁଁ ମୋ ବାପଘରେ ଥିଲି । ମୋର ପୁଅଟିଏ ହେଲା । ବାପା ଚାହିଁଲେ ଏବେ ସବୁ ଠିକ୍ ହୋଇଯିବ ବୋଲି ହେଲେ ସେମାନେ ମୋତେ ଗ୍ରହଣ କଲେନାହିଁ । ହେଲେ ମୋ ପୁଅକୁ ମୋ ଠାରୁ ଛଡ଼େଇ ନେଇଗଲେ । ପୋଲିସ୍ କେସ୍ ପରେ ସେମାନେ ମୋ ପୁଅକୁ ମୋତେ ଫେରାଇଦେଲେ । ମୁଁ ଶାଶୁଘରକୁ ଯେତେବେଳେ ଯିବାପାଇଁ ଚାହିଁଲି ସେମାନେ ମୋତେ ନନେଇ ମୋ ପୁଅକୁ ନେବାପାଇଁ କହିଲେ । ମୁଁ ଥାନା, ମହିଳା କମିଶନ, କୋର୍ଟ ଆଦି ନ୍ୟାୟ ପାଇବା ଆଶାରେ ଯାଇଛି । ଏବେ ମୋ କେସ୍ କୋର୍ଟରେ ବିଚାରଧିନ ଅଛି । ମୋର ଜଣେ ଚିହ୍ନା ସମାଜସେବୀ 'ମାଧ୍ୟମ'କୁ ଯିବାପାଇଁ କହିଲେ । ମୁଁ 'ମାଧ୍ୟମ'କୁ ବି ଆସିଲି । ସେଠାରେ ଥିବା ପରାମର୍ଶଦାତ୍ରୀ ବି ମୋ ସଂସାରକୁ ଆଉଥରେ ଯୋଡ଼ିବା ପାଇଁ ପ୍ରୟାସ କଲେ । ହେଲେ କିଛି ଫଳ ମିଳିଲା ନାହିଁ । କେସ୍‌ଟି କୋଟରେ ଥିବାରୁ ଆଉ କିଛି କରିହେବନି ବୋଲି କହିଲେ । ମୁଁ ଏବେ କଟକ ସେକ୍ଟର-୭ରେ ଗୋଟେ ଘରଭଡ଼ାନେଇ ରହୁଛି । ମୋ ପୁଅ ବି ମୋ ପାଖରେ ଅଛି । ଆଗରୁ ମୁଁ କିଛି ସିଲେଇ ଶିଖିଥିଲି । ମୋର ଜଣେ ସମ୍ପର୍କୀୟା ମୋତେ ଗୋଟେ ପୁରୁଣା ସିଲେଇ ମେସିନ୍ ଦେଇଥିଲେ, ସେଇଥିରେ ମୁଁ ବାହାରୁ କିଛି କାମ ଆଣି ସିଲେଇ କରି ଦେଇ ମୋର ଗୁଜୁରାଣ ମେଣ୍ଟାଉଛି । 'ମାଧ୍ୟମ' ତରଫରୁ ମୋତେ ଆଜି ଆଉ ଗୋଟେ ମେସିନ୍ ଦେଇଥିବାରୁ ମୁଁ ବହତ ଖୁସି ଅଛି । ଏହି ମେସିନ୍‌ରେ ସମସ୍ତ ପ୍ରକାର ସୁବିଧା ଅଛି । ତେଣୁ ମୁଁ ଆଉ ଅଧିକ କାମ ଆଣି କରିପାରିବି । ଏତେ ଦିନ ପରେ ମୋ କଥାକୁ 'ମାଧ୍ୟମ' ମନେରଖି ଅସମୟରେ ସାହାଯ୍ୟ କରିଥିବାରୁ ମୁଁ ସେମାନଙ୍କ ପାଖେ ଚୀରଋଣୀ ।

# ମଧୁମିତା ଦାଶ



ଝିଅଟିଏ ବିବାହ କରି ସୁନ୍ଦର ପାରିବାରିକ ଜୀବନ ବିତାଇବାର ସ୍ୱପ୍ନ ଦେଖିଥାଏ। କିନ୍ତୁ ଝିଅମାନଙ୍କର ସେହି ମାନସିକତାକୁ ସବୁ ପୁରୁଷ ବୁଝିପାରନ୍ତି ନାହିଁ। ବରଂ ସାମାନ୍ୟ ସ୍ୱାର୍ଥ ପାଇଁ ତାକୁ ଦିଅନ୍ତି ଅକଥନୀୟ ନିର୍ଯାତନା। ଏହିଭଳି କିଛି ଘଟଣା ଘଟିଥିଲା ମଧୁମିତାଙ୍କ ସହିତ। ବିବାହର ୫ ବର୍ଷ ହୋଇଗଲାଣି ସ୍ୱାମୀଙ୍କ ଠାରୁ ଅଲଗା ରହିଛନ୍ତି। ସାଙ୍ଗରେ ଅଛନ୍ତି ଦୁଇଟି ପୁଅ। ତାଙ୍କ ସ୍ୱାମୀ ଜଣେ ପ୍ରତିଷ୍ଠିତ ବ୍ୟକ୍ତି। ତାଙ୍କ ଉପରେ ନିର୍ଯାତନା ଆରମ୍ଭ ହୋଇ ଥିଲା ଯେତେବେଳେ ସିଏ ଜାଣିଲେ ସ୍ୱାମୀଙ୍କର ଅଲଗା ଝିଅଙ୍କ ସଙ୍ଗେ ସମ୍ପର୍କ ଅଛି ବୋଲି। ତାଙ୍କର କୌଣସି କଥାକୁ ଗୁରୁତ୍ୱ ନଦେବା, ମାରଧର କରିବା, ପିଲାମାନଙ୍କ ଦାୟିତ୍ୱନନେବା ଘଟଣାରେ ସେ ଯେତେବେଳେ ପାଟି ଖୋଲିଥିଲେ ସେତେବେଳଠାରୁ ତାଙ୍କ ଉପରେ ନିର୍ଯାତନା ଆରମ୍ଭ ହୋଇଥିଲା। ନିଜର ଖର୍ଚ୍ଚ ଓ ପିଲାମାନଙ୍କର ଖର୍ଚ୍ଚ ପାଇଁ ମଧୁମିତାଙ୍କୁ ତାଙ୍କ ବାପଘର ଉପରେ ନିର୍ଭର କରିବାକୁ ପଡୁଥିଲା। ସ୍ୱାମୀଙ୍କ ଚାପ ଓ ତାଗିଦ୍‌ର ଦିଗହରା ହୋଇ ମଧୁମିତା କଟକ ମହିଳାଥାନାର ଆଶ୍ରୟ ନେଇଥିଲେ। ମହିଳାଥାନା ଏହି ଘଟଣାର ସମାଧାନ ପାଇଁ 'ମାଧ୍ୟମ'କୁ ପଠାଇଥିଲେ। 'ମାଧ୍ୟମ'ରେ ଉଭୟପକ୍ଷଙ୍କୁ ଡାକି ବିଭିନ୍ନ ସମୟରେ ଆଲୋଚନା ମଧ୍ୟ ହୋଇଥିଲା। ହେଲେ ମଧୁମିତାଙ୍କ ସ୍ୱାମୀ ଏହି ସମୟ ମଧ୍ୟରେ ଆଉ ଏକ ଝିଅକୁ ଆଣି ଘରେ ରଖିସାରିଥିଲେ। ସେ ଚାହୁଁଥିଲେ ମଧୁମିତା ବି ସେଇ ଘରେ ରହୁବୋଲି, ହେଲେ ମଧୁମିତା ଏଥିରେ ରାଜି ନହୋଇ ନିଜ ବାପଘରକୁ ଦୁଇପିଲାଙ୍କୁ ଧରି ଚାଲିଆସିଥିଲେ। ଏବେ କଟକରେ ଏକ ଭଡ଼ାଘର ନେଇ ସେ ରହୁଛନ୍ତି। ଜନଶିକ୍ଷାସଂସ୍ଥାନ ତରଫରୁ ଦିଆଯାଉଥିବା ସିଲେଇ ତାଲିମ୍ ନେଇ ନିଜର ଏକ ଛୋଟ ମେସିନ ପକାଇ କାମ ଆରମ୍ଭ କରିଛନ୍ତି। 'ମାଧ୍ୟମ' ତରଫରୁ ତାଙ୍କୁ ଆଉ ୨ଟି ମେସିନ୍ ଦିଆଯାଇଛି। ସେ ଭବିଷ୍ୟତରେ ତାଙ୍କ ବ୍ୟବସାୟ କରି ଆୟବଢ଼ାଇ ନିଜେ ନିଜର ଦୁଇପିଲାଙ୍କ ଦାୟିତ୍ୱ ନେଇପାରିବେ ବୋଲି ଆଶା ରଖିଛନ୍ତି।






# ପୋଲିସ୍ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ପ୍ରଶ୍ନୋତ୍ତରଭିତ୍ତିକ କର୍ଯ୍ୟକ୍ରମ

ଏହି ବର୍ଷ ମହିଳା ସହଯୋଗ କେନ୍ଦ୍ର 'ମାଧ୍ୟମ' ତରଫରୁ ଭୁବନେଶ୍ୱର ଓ କଟକର ବିଭିନ୍ନ ୱାର୍ଡ଼ରେ ସ୍ଥାନୀୟ ଜନସାଧାରଣ, ବିଶେଷତଃ ମହିଳା ଏବଂ ସ୍ଥାନୀୟ ଥାନାର ପୋଲିସ୍ ଅଧିକାରୀଙ୍କ ମଧ୍ୟରେ ଏକ ପ୍ରଶ୍ନୋତ୍ତରଭିତ୍ତିକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଜନସାଧାରଣଙ୍କ ମନରୁ ପୋଲିସ୍ ପ୍ରତି ଥିବା ଅହେତୁକ ଭୟ ଦୂରକରି ଏକ ଅନୁକୂଳ ପରିବେଶ ସୃଷ୍ଟିକରିବା । ବିଶେଷ କରି ମହିଳାମାନେ ଯେଉଁମାନେ କି ଘର ଭିତରେ ଏବଂ ବାହାରେ ବିଭିନ୍ନ ପ୍ରକାରର ଅତ୍ୟାଚାରର ସମ୍ମୁଖୀନ ହେଉଛନ୍ତି, ସେମାନେ କିଭଳି 'ମାଧ୍ୟମ'ର ସହାୟତା ନେଇ ଉଚିତ୍ ନ୍ୟାୟ ପାଇବେ ସେ ବିଷୟରେ ଅବଗତ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ସାଧାରଣ ଜଣେ ଥାନାକୁ ଯିବା ପରିବର୍ତ୍ତେ ସ୍ଥାନୀୟଥାନାର ପୋଲିସ୍ ଅଧିକାରୀ ସେମାନଙ୍କ ୱାର୍ଡ଼କୁ ଆସିଥାନ୍ତି ଏବଂ ସିଧାସଳଖ ପ୍ରଶ୍ନୋତ୍ତର ମାଧ୍ୟମରେ ସେମାନେ ନିଜର ବ୍ୟକ୍ତିଗତ, ପାରିବାରିକ ତଥା ନିଜ ୱାର୍ଡ଼ର ଗୋଷ୍ଠୀଗତ ସମସ୍ୟା ବିଷୟରେ ପୋଲିସ୍ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଗୋଚର କରିଥାନ୍ତି, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତି ୱାର୍ଡ଼ରୁ ୫ଜଣ ଲେଖାଏଁ ମହିଳାଙ୍କୁ ଚିହ୍ନଟ କରି 'ମାଧ୍ୟମ କ୍ଲବ'ର ସଦସ୍ୟଭାବେ ମନୋନୀତ କରି ସେମାନଙ୍କୁ ଅଧିକ ତାଲିମ ଯୋଗାଇ ଦେଇ ଭବିଷ୍ୟତରେ ସେମାନେ କିଭଳି ନିଜ ୱାର୍ଡ଼ରେ ଘଟୁଥିବା ମହିଳାମାନଙ୍କ ସମସ୍ୟା ନେଇ 'ମାଧ୍ୟମ'ର ସହଯୋଗ ନେଇପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା ।

ପର୍ଯ୍ୟାୟକ୍ରମେ ଅକ୍ଟୋବର ୨୦୨୪ ରୁ ଅଗଷ୍ଟ ୨୦୨୫ ମଧ୍ୟରେ ଭୁବନେଶ୍ୱରରେ ୱାର୍ଡ଼ନମ୍ବର ୪୯, ଫୁଲେଶ୍ୱରୀ ବସ୍ତୀ, ଭରତପୁର, ୱାର୍ଡ଼ନମ୍ବର ୬୨, କାରଗିଲ୍ ବସ୍ତୀ, ପୋଖରୀପୁଟ, ୱାର୍ଡ଼ନମ୍ବର ୧୭, ପଥରବନ୍ଧବସ୍ତୀ, ମଞ୍ଚେଶ୍ୱର, ୱାର୍ଡ଼ନମ୍ବର ୦୨, ଶିଖରଚଣ୍ଡୀ ବସ୍ତୀ, ଚନ୍ଦ୍ରଶେଖରପୁର, ୱାର୍ଡ଼ନମ୍ବର ୦୯, ଶ୍ରୀଅରବିନ୍ଦନଗର ବସ୍ତୀ, ଚନ୍ଦ୍ରଶେଖରପୁର, ୱାଡ଼ନମ୍ବର ୧୦, ମଣିନାଗେଶ୍ୱରବସ୍ତୀ, ମଞ୍ଚେଶ୍ୱର, ୱାର୍ଡ଼ ନଂ ୨୬, ସାଲିଆସାହି, ଚନ୍ଦ୍ରଶେଖରପୁର, ୱାର୍ଡ଼ ନଂ ୧୨, ସୈନିକ ସ୍କୁଲ ବସ୍ତୀ, ଚନ୍ଦ୍ରଶେଖରପୁର, ୱାର୍ଡ଼ ନଂ ୩୬, ରାମପୁର ବସ୍ତୀ, ଖାରବେଳ ନଗର, ୱାର୍ଡ଼ ନଂ ୪୬, ଶବରସାହି ବସ୍ତୀ, ୟୁନିଟ ୬, ୱାର୍ଡ଼ ନଂ ୨୨, ପଣ୍ଡାକୁଦିଆରୀ ବସ୍ତୀ, ୱାର୍ଡ଼ ନଂ ୦୧, କୁମ୍ଭାରସାହି ବସ୍ତୀ, ଭରତପୁର ବସ୍ତୀ ଅଞ୍ଚଳରେ ଆୟୋଜନ କରାଯାଇଥିଲା । ସେଇଭଳି କଟକରେ ୱାର୍ଡ଼ନଂ ୦୧, କୁମ୍ଭାରସାହି ବସ୍ତୀ, ବିଡ଼ାନାସୀ, ୱାର୍ଡ଼ ନଂ ୦୨, ବିଡ଼ାନାସୀ ନିୟୁକଲୋନୀ, ୱାର୍ଡ଼ ନଂ ୦୩, ସି.ଡି.ଏ. ତିଳକନଗର ବସ୍ତୀ, ୱାଡ଼ ନଂ ୦୪ ସିଡିଏ, ସେକ୍ଟରର-୯, ୱାର୍ଡ଼ ନଂ ୧୭, ପଟାପୋଲ, ୱାର୍ଡ଼ ନଂ ୪୦, ଜୋବ୍ରା, ୱାର୍ଡ଼ ନଂ ୪୯, ତ୍ରିନାଥସାହି ବସ୍ତୀ ଜଗତପୁର, ୱାର୍ଡ଼ ନଂ ୩୨, ଗୋପାଳସାହି ବସ୍ତୀ, ରାଣୀହାଟ ଓ ୱାର୍ଡ଼ନମ୍ବର ୩୦, କୁସୁନପୁର, ରାଜାବଗିଚା ଅଞ୍ଚଳରେ ଆୟୋଜନ କରାଯାଇଥିଲା । ଏହିସବୁ କାର୍ଯ୍ୟକ୍ରମରେ ପ୍ରତିୱାର୍ଡ଼ର କର୍ପୋରେଟର ଓ ଥାନା ଅଧିକାରୀମାନେ ଉପସ୍ଥିତ ରହିଥିଲେ ।









# ପୋଲିସ୍ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ପ୍ରଶ୍ନୋତ୍ତରଭିତ୍ତିକ କାର୍ଯ୍ୟକ୍ରମ

























# ମାଧ୍ୟମ କ୍ଲବର ସଭ୍ୟାମାନଙ୍କ ପାଇଁ ମହିଳାହିଂସା ଓ ତା'ର ପ୍ରତିକାର ସମ୍ବନ୍ଧୀୟ ଦକ୍ଷତାଭିତ୍ତିକ ତାଲିମ ଶିବିର

ଭୁବନେଶ୍ୱର : କଟକର ବିଭିନ୍ନ ୱାର୍ଡ଼ରେ କରଯାଇଥିବା ପୋଲିସ୍ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ପ୍ରଶ୍ନୋତ୍ତରଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ବଛାଯାଇଥିବା 'ମାଧ୍ୟମକ୍ଲବ'ର ସଦସ୍ୟାମାନଙ୍କ ପାଇଁ ପର୍ଯ୍ୟାୟକ୍ରମେ ଦୁଇଟି ଭାଗରେ "ମହିଳା ଦକ୍ଷତା ତାଲିମ ଶିବିର" ଆୟୋଜନ କରାଯାଇଥିଲା। ଏହି ତାଲିମ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଯେଉଁ ମହିଳାମାନେ 'ମାଧ୍ୟମ କ୍ଲବ'ର ସଦସ୍ୟ ଭାବେ ସାମିଲ ହୋଇଛନ୍ତି ସେମାନେ ମହିଳାହିଂସାକୁ କିଭଳି ଭାବେ ଦେଖୁଛନ୍ତି। ସେମାନଙ୍କ ୱାର୍ଡ଼ରେ ଯଦି କିଛି ମହିଳା ହିଂସା ସମ୍ବନ୍ଧୀୟ ଘଟଣା ତାଙ୍କ ଲୋକଲୋଚନକୁ ଆସୁଛି ସୋମନେ କିଭଳି ଭାବେ ମାଧ୍ୟମରେ କାର୍ଯ୍ୟରତ ପରାମର୍ଶଦାତ୍ରୀମାନଙ୍କର ସହଯୋଗ ନେଇପାରିବେ। ତାଲିମ ନେବା ସଙ୍ଗେ ସଙ୍ଗେ ସେମାନଙ୍କୁ ରାଜ୍ୟସ୍ତରରେ କାର୍ଯ୍ୟରତ ଅନେକ ସଂସ୍ଥା ଯେଭଳି ରାଜ୍ୟମହିଳା କମିଶନ, ସଖୀ- ୱାନ ଷ୍ଟପ୍ ସେଣ୍ଟର, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ପୋଲିସ୍ ଥାନାଗୁଡ଼ିକ ପରିଦର୍ଶନର ବ୍ୟବସ୍ଥା କରାଯାଇଥିଲା।
















## Counselling









## Maadhyam in Print Media



୧୦ ବର୍ଷ ପାର କଲା 'ମାଧ୍ୟମ'

ତୁଟିଛି ୪,୩୯୨ ପାରିବାରିକ ହି

ମହିଳାଙ୍କୁ ସ୍ୱାବଲମ୍ବୀ କରୁଛି 'ମାଧମ'

A SAFE HAVEN FOR WOMEN

Apart from providing legal aid to women victims of violence and harassment, the Maadhyam women support centre at Cuttack has been able to amicably resolve more than 2,000 complaints to ensure a harmonious living environment for both the parties, writes Arabinda Panda

ସମୟ

04 Sep 2024 - Page 4

ମଧ୍ୟରେ ସମାଧାନ ହୋଇଛି ୨୭୭୯ କେସ୍

ନିତିଦିନ

BHUBANESWAR - 04 Sep 2024 - Page 4

୧୦ ବର୍ଷ ପୂରଣ କଲା ମହି ସହଯୋଗ କେନ୍ଦ୍ର 'ମାଧ୍ୟମ'

୪୩୯୨ ପଞ୍ଜିକୃତ ଅଭିଯୋଗ

ସମାଧାନ ହୋଇଛି ୨୭୭୯ ମାମ

୧୦ ବର୍ଷ ପୂରଣ କଲା ମହିଳା ସହଯୋଗ

ମହିଳାଙ୍କୁ ସ୍ୱାବଲମ୍ବୀ ପାଇଁ 'ମାଧ୍ୟମ'ର ସହାୟତା

ମାଧ୍ୟମ'କୁ ପୂରିଲା ୧୦ ବର୍ଷ

୨୭୭୯ ମାମଲାର ସମାଧାନ

ସମ୍ବାଦ

THE SAKALA

Bhubaneswar - 04 Sep 2024 - Page 5

ମଧ୍ୟସ୍ଥ ସାଜିଛି 'ମାଧ୍ୟମ'

୦ ବର୍ଷ ପୂରଣ କଲା 'ମାଧ୍ୟମ'

୪୩୯୨ ଅଭିଯୋଗରୁ ୨୭୭୯ଟିର ସମାଧା

# Update Release








## Maadhyam

**BHUBANESWAR**
Energy Police Station
Power House Square, Bhubaneswar
Ph: 0674-2602105, 8249309802 (M)
E-mail:maadhyambbsr@isdbbsr.org

**CUTTACK**
Mahila Police Station
Buxibazar, Cuttack
Ph: 9337371971
E-mail:maadhyamctc@isdbbsr.org



## Supported by

Azim Premji Foundation



## For more information contact

*Institute for Social Development*

Plot No.-95 Phase-II, Kanan Vihar
P.O.-Patia, Bhubaneswar-751031, Odisha, India
Ph: + 91-674-2726756, Mob. : 9437018141
E-mail: isd_bbsr@rediffmail.com, to@isdbbsr.org
Web: www.isdbbsr.org


**Visit us : www.maadhyamwsc.com**